**ସଂକ୍ଷେପରେ**

## ଘର ଲୋକେ ଅପେରା ଦେଖି ଯାଇଥିବା ବେଳେ କଳାକନା ବୁଲାଇଲେ ଦୁର୍ବୃତ୍ତ

**ପଦ୍ମପୁର,୨୪।୩(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ରାଜଘରପୋଖରୀ ପଞ୍ଚାୟତର ଗଦଳା ଗ୍ରାମରୁ ଶନିବାର ବିଳମ୍ବିତ ରାତିରେ ନରହରି ସେଠୀଙ୍କ ଘରୁ ନଗଦ ୪୦ ହଜାର ଟଙ୍କା ସମେତ ପ୍ରାୟ ୩ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଯାଇଛି। ନରହରିଙ୍କର ପରିବାର ଲୋକେ ରାତିରେ ଗଦଳା ମେଳନ ପଡିଆରେ ହେଉଥିବା ଅପେରା ଦେଖିବାକୁ ଚାଲି ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଙ୍କର ଘର ଝରକା ତାଡି ଘରେ ଦୁଇଟି ଆଲମାରୀ ଓ ବାକ୍ସ ଭାଙ୍ଗି ସେଥିରେ ଥିବା ନଗଦ ଟଙ୍କା ଓ ସୁନାଗହଣା ଲୁଟି ନେଇଥିଲେ। ପରିବାର ଲୋକେ ଏ ସମ୍ପର୍କରେ ରବିବାର ସକାଳେ ନାୟକାଣିଡିହୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଥାନା ଏସ୍‌ଆଇ ନିରଦ କୁମାର ମଲିକ, ଏଏସ୍‌ଆଇ ସୁଦର୍ଶନ ପ୍ରଧାନ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ.୩୯/୧୯) ରୁଜୁ ହୋଇଛି। ସେହିପରି ଗଦଳା ଗ୍ରାମର ଯତୀନ୍ଦ୍ର ନାୟକଙ୍କ ଘର ଗ୍ରୀଲ ଚାବି କାଟି ଦୁର୍ବୃତ୍ତମାନେ ଶାଢି ଓ ଗହଣାପତ୍ର ଲୁଟ୍‌ନେଇ ଥାନାରେ ଅଭିଯୋଗ ହୋଇଛି।

## ପ୍ରବେଶିକା ପରୀକ୍ଷା ଦେଲେ ୬୩୭ ପରୀକ୍ଷାର୍ଥୀ

**ବନ୍ତ,୨୪।୩(ଡି.ଏନ୍.ଏ.):** ଭଦ୍ରକ ଜିଲା ବନ୍ତ ବ୍ଲକ ନିଳୋକ ପଞ୍ଚାୟତ ଅଧୀନ ପଳାସ ଗଡିଆସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଚଳିତ ଶିକ୍ଷା ବର୍ଷର ୬ଷ୍ଠ ଶ୍ରେଣୀରେ ନାମ ଲେଖା ପାଇଁ ରବିବାର ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ମୋଟ ୬୪୨ ଜଣ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେବାକୁ ଆବେଦନ କରିଥିଲେ। ସେଥିମଧ୍ୟରୁ ୬୩୭ ଜଣ ପରୀକ୍ଷାର୍ଥୀ ରବିବାର ପରୀକ୍ଷା ଦେଇଥିଲେ । ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁ ଓ ବ୍ଲକ ଶିକ୍ଷାଧିକାରୀ ବାସନ୍ତୀ କୁମାରୀ ମିଶ୍ର ପରୀକ୍ଷା ପରିଚାଳନା କାର୍ଯ୍ୟର ତତ୍ତ୍ୱାବଧାନ କରିଥିଲେ ।

## ସାରସ୍ୱତ ଫଗୁମିଳନରେ କବିତା ପାଠୋତ୍ସବ

**ଭଦ୍ରକ ଅଫିସ, ୨୪।୩:** ସ୍ଥାନୀୟ ଭାଗବତ କଲ୍ୟାଣ ମଣ୍ଡପ ପରିସରରେ ଭଦ୍ରକ ପୂଜ୍ୟପୂଜା ସଂସଦ ପକ୍ଷରୁ 'ସାରସ୍ୱତ ଫଗୁ ମିଳନ' କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବସନ୍ତ ଋତୁରେ ପାଳିତ ହେଉଥିବା ହୋଲି ଓ ଦୋଳ ପର୍ବର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ। ଏହା ମଣିଷ ଜୀବନ ସହିତ କିଭଳି ଓତପ୍ରୋତ ଭାବେ ଜଡ଼ିତ ହୋଇ ଆତ୍ମିକ ଚେତନା ସୃଷ୍ଟି କରିଛି, ତାହା ସେ ଉଲ୍ଲେଖ କରିଥିଲେ। ଭଦ୍ରକ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ.ରାମଚନ୍ଦ୍ର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ କାବ୍ୟ କବିତାରେ ବସନ୍ତର ସାରସ୍ୱତ ବିଭବ ସମ୍ପର୍କରେ ଆଲୋକପାତ କରିଥିଲେ। ପୂଜ୍ୟପୂଜା ସଂସଦର ସଭାପତି କରୁଣାକର ବେହୁରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଫଗୁ ମିଳନ କାର୍ଯ୍ୟକ୍ରମରେ ସଂସଦର ସମ୍ପାଦକ ରୂପକ ବିହାରୀ ରାୟ ସ୍ୱାଗତ ଭାଷଣ ଦେଇଥିଲେ । ସହସମ୍ପାଦକ ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ ପ୍ରାକ୍ ସୂଚନା ଦେଇଥିଲେ। ପ୍ରୀତିଲତା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ କବିବର ରାଧାନାଥ ରାୟ, ସ୍ୱଭାବକବି ଗଙ୍ଗାଧର ମେହେର, ମୋହନ ଚରଣ ନାୟକ ଓ ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡାଙ୍କ ରଚିତ କାବ୍ୟକୁ ଘନଶ୍ୟାମ ଲେଙ୍କା, ବିଜୟ କୁମାର ବହଳୀ,ମନୋରମା ରାୟ ଓ କାଳନ୍ଦୀ ମଲ୍ଲିକ ପ୍ରମୁଖ ଆବୃତି କରିଥିଲେ। ପରେ କବି ବସନ୍ତ ମିଶ୍ର ଓ ମୁସ୍ତାକ୍ ଗହ୍ୱରଙ୍କ ସଂଯୋଜନାରେ ବସନ୍ତ ଆଧାରିତ ବହୁଭାଷୀ କବି ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ବହୁ କବି ସ୍ୱରଚିତ ବସନ୍ତ କବିତା ପାଠ କରିଥିଲେ। ନାଟ୍ୟକାର ନିର୍ମଳ ରାଉତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ୨ ଶିକ୍ଷକ ସଂଘ ମଧ୍ୟରେ ବିବାଦ ତୁଟିଲା

**ଆରଡି, ୨୪।୩ (ଡି.ଏନ.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକରେ ଗଠିତ ୨ ଶିକ୍ଷକ ସଂଘ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦର ଆପୋଷ ସମାଧାନ ହୋଇଛି। ଦୁଇ ସଂଘ ମଧ୍ୟରେ ବଚସା ହୋଇ ହାତାହାତି ହେବା ଭଳି ଘଟଣା ଘଟିଥିଲା ରବିବାର ସନ୍ଧ୍ୟାରେ ଚାନ୍ଦବାଲି ବ୍ଲକ କାର୍ଯ୍ୟାଳୟରେ ବିଇଓଙ୍କ ଉପସ୍ଥିତିରେ ଏନେଇ ଉଭୟ ସଂଘ ମଧ୍ୟରେ ଆଲୋଚନା ହୋଇଥିଲା। ଏଥିରେ ଉଭୟ ସଂଘର କର୍ମକର୍ତ୍ତା ସହମତି ଭିତ୍ତିରେ ବିବାଦର ସମାଧାନ କରିଥିଲେ।

# ବିନୋବା ଭାବେ ନଗର ମହିଳା, ପୁରୁଷ ଶୂନ୍ୟ

**କଷିଆ ସାମୁଦ୍ରିକ ଥାନା ଭଙ୍ଗାରୁଜା ଘଟଣା**

- ଅଭିଯୁକ୍ତଙ୍କୁ ଧରିବା ଲାଗି ପୋଲିସ ଚଢ଼ାଉ ଜାରି
- ସ୍ୱାଭାବିକ ହୋଇପାରୁନି ଥାନା କାର୍ଯ୍ୟ
- ଜଗି ରହିଛନ୍ତି ୩ ପ୍ଲାଟୁନ ଫୋର୍ସ
- ଶନିବାର ଗିରଫ ୫୨ ଜଣଙ୍କ ଜାମିନ ନାମଞ୍ଜୁର

**ବାସୁଦେବପୁର, ୨୪।୩(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁରର କଷିଆ ସାମୁଦ୍ରିକ ଥାନା ଉପରେ ଲୋକେ ଶନିବାର ଚଢ଼ାଉ କରି ଭଙ୍ଗାରୁଜା କରିବା ଘଟଣାରେ ପୋଲିସ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି। ଥାନା ଅଞ୍ଚଳରେ ୩ ପ୍ଲାଟୁନ୍ ପୋଲିସ ଫୋର୍ସ ରହି ପାଟ୍ରୋଲିଂ କରିବା ସହିତ ଥାନାକୁ ଜଗି ରହିଛନ୍ତି। ଏହି ଘଟଣାରେ ଶନିବାର ପୋଲିସ ୫୨ ଜଣଙ୍କୁ ଗିରଫ କରିବା ପରେ ବିନୋବାଭାବେ ନଗର ଓ ଏହା ସଂଲଗ୍ନ ଗ୍ରାମରେ ଭୟର ବାତାବରଣ ଖେଳିଯାଇଛି। ପୋଲିସ ପକ୍ଷରୁ ରବିବାର ଉକ୍ତ ଗ୍ରାମରେ ମଧ୍ୟ ଚଢ଼ାଉ କରାଯାଇଥିଲା। ତେବେ ଗିରଫ ଭୟରେ ସମସ୍ତ ପୁରୁଷ ଓ ମହିଳା ଘର ଛାଡି ଅନ୍ୟତ୍ର ପଳାଇ ଯାଇଥିବା ସୂଚନା ମିଳିଛି।

ବିନୋବାଭାବେ ନଗର ଗ୍ରାମରେ ଅଧିକାଂଶ ବଙ୍ଗାଳି ସମ୍ପ୍ରଦାୟର ଲୋକ ବସବାସ କରୁଛନ୍ତି। ସେମାନେ କଲିକତା, ମେଦିନପୁର, ପୂର୍ବ ବଙ୍ଗଳା ଆଦି ଅଞ୍ଚଳରେ ମୂଳ ବାସିନ୍ଦା ବୋଲି କୁହାଯାଉଛି। ଏହି ପରିପ୍ରେକ୍ଷୀରେ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ଲାଗି ପୋଲିସ ଚଢ଼ାଉ ଜାରି ରଖିଛି। ଅନ୍ୟପକ୍ଷେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି ବୋଲି କେତେକ ଅଞ୍ଚଳବାସୀ କହିଛନ୍ତି। ଥାନା ଭଙ୍ଗାରୁଜା ଘଟଣାରେ ଗିରଫ ୫୨ ଜଣଙ୍କୁ ପୋଲିସ ମଧ୍ୟରାତ୍ରରେ କୋର୍ଟ ଚାଲାଣ କରିବା ପରେ ସେମାନଙ୍କ ଜାମିନ ନାମଞ୍ଜୁର ହୋଇଥିବା ପଡିଛି। ଅନ୍ୟପକ୍ଷେ ଥାନାର ବିଭିନ୍ନ ସାମଗ୍ରୀ ନଷ୍ଟ ହୋଇଥିବା ଏବଂ ଦରକାରୀ କାଗଜପତ୍ର ଚିରି ଦିଆଯାଇଥିବାରୁ ଥାନା କାର୍ଯ୍ୟ ସ୍ୱାଭାବିକ ହୋଇପାରୁ ନ ଥିବା ପୋଲିସ କହିଛି। ଉଲ୍ଲେଖନୀୟ ଯେ, ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଦୁଇ ଗାଁକୁ ବ୍ୟାପିବା ପରେ ଶନିବାର ବିନୋବାଭାବେ ନଗର ପଞ୍ଚାୟତର କେତେକ ଉତ୍ତ୍ୟକ୍ତ ଲୋକ ପୋଲିସର କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ନିଷ୍କ୍ରିୟତା ପ୍ରତିବାଦରେ ଥାନାରେ ଭଙ୍ଗାରୁଜା କରିଥିଲେ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜନମକୁ ବୁଣିଲେ କରମକୁ ଫଳେ**
**ଲାଉ ଲଗାଇଲେ ଚଲଣା ଫଳେ ।**

ପ୍ରାରବ୍ଧ କର୍ମ ଅନୁସାରେ ବ୍ୟକ୍ତି ଫଳ ଭୋଗ କରିଥାଏ। ଦଶା ବା ଭାଗ୍ୟ ଯେତେବେଳେ ବାମ ହୁଏ, ସେତେବେଳେ ବ୍ୟକ୍ତି କିଂକର୍ତ୍ତବ୍ୟବିମୂଢ଼ ହୋଇଯାଏ। ଭାଗ୍ୟର ବିପର୍ଯ୍ୟୟ ଘଟିଲେ ହାତରେ ଥିବା ସୁନା ମାଟି ପାଲଟିଯାଏ। ଭାଗ୍ୟ ମନ୍ଦ ପଡ଼ିଲେ କର୍ମଫଳ ମନ୍ଦ ହୋଇଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଜିଣିଲେ ମରିବ,**
**ହାରିଲେ ମରିବ ।**

ମାରୀଚର ସଙ୍କଟରେ ପଡ଼ିବା କଥା। ଦୌଡ଼ରେ ଜିଣିଲେ ପ୍ରଭୁ ରାମଚନ୍ଦ୍ରଙ୍କ ତୀରରେ ମରିବ, ନ ହେଲେ ଧରାପଡ଼ିବ। ଉଭୟ କ୍ଷେତ୍ରରେ ମୃତ୍ୟୁ ସୁନିଶ୍ଚିତ। ଯେକୌଣସି ନିଷ୍ପତ୍ତି ବା ଘଟଣା ଯଦି ନିଜ ସପକ୍ଷରେ ନ ଯାଏ ତା' ହେଲେ ବ୍ୟକ୍ତିର ସଙ୍କଟ ଦ୍ୱିଗୁଣିତ ହୋଇଯାଏ। ଏପରିସ୍ଥଳେ ସେ ନିଜକୁ ଅସହାୟ ମଣିବା ଛଡ଼ା ଆଉ କିଛି ବାଟ ରହୁ ନଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଚୋରା କାଠ ବୋଝେଇ ଟ୍ରାକ୍ଟର ଜବତ



ଜବତ କାଠ ବୋଝେଇ ଟ୍ରାକ୍ଟର ସହ ବନ ବିଭାଗ କର୍ମଚାରୀ।

**ଭଣ୍ଡାରିପୋଖରୀ, ୨୪।୩(ଡି.ଏନ.ଏ.)**

ଭଦ୍ରକ ଜିଲା ବାରିକପୁରରୁ କେନ୍ଦୁଆପଦା ଅଞ୍ଚଳକୁ ଯାଉଥିବା ଏକ ପୁଣ୍ଟିଆ କାଠ ବୋଝେଇ ଟ୍ରାକ୍ଟରକୁ ବନ ବିଭାଗ ପକ୍ଷରୁ ଜବତ କରାଯାଇଛି। ଧାମନଗର ରେଞ୍ଜର ସମୀର କୁମାର ରାଉତଙ୍କ ତତ୍ତ୍ୱାବଧାନରେ ବନପାଳ ପ୍ରକାଶ ଦାସ, ଫରେଷ୍ଟ ଗାର୍ଡ ରାଜକିଶୋର ନାୟକ, ରାମଚନ୍ଦ୍ର ସିଂ ପ୍ରମୁଖ କେନ୍ଦୁଆପଦା ଛକଠାରେ ଶୁକ୍ରବାର ରାତି ୨ଟା ବେଳେ ଛକି ରହି ଏକ କାଠ ବୋଝେଇ ଟ୍ରାକ୍ଟରକୁ ଧରିଥିଲେ। ଏଥିରେ ସାଇଜ ହୋଇଥିବା ପୁଣ୍ଟିଆ କାଠ ୩୦ ରୁ ୪୦ ସିଫ୍ଟ ରହିଥିଲା, ଯାହାର ଆନୁମାନିକ ମୂଲ୍ୟ ୨୦ ହଜାରରୁ ଊର୍ଦ୍ଧ୍ୱ ହେବ। ବନ ବିଭାଗ କାଠ ଓ ଟ୍ରାକ୍ଟରକୁ ଜବତ କରି ଧାମନଗର ରେଞ୍ଜ କାର୍ଯ୍ୟାଳୟରେ ରଖି ଏକ ମାମଲା ରୁଜୁ କରିଛି। ଜବତ ଟ୍ରାକ୍ଟର ନୂଆ କିଣା ହୋଇଥିବାରୁ ନମ୍ବର ଲେଖାଯାଇନାହିଁ। ବନ ବିଭାଗ କର୍ମଚାରୀଙ୍କୁ ଦେଖି ଟ୍ରାକ୍ଟର ଡ୍ରାଇଭର ଫେରାର ହୋଇଯାଇଥିଲା।

## ୫ ଶହ ବର୍ଷର ପୁରାତନ କାଳୀନହଣ ମେଳନ

**ବାସୁଦେବପୁର, ୨୪।୩ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ମଇଁଷାପଦଠାରେ ସର୍ବପୁରାତନ କାଳୀନହଣ ଦୋଳ ମେଳନ ୩ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ବିଳମ୍ବିତ ରାତିରେ ୧୧ ସୁସଜ୍ଜିତ ବିମାନ ଶୋଭାଯାତ୍ରାରେ ଆସି ପହଞ୍ଚିଥିଲେ। ବାସୁଦେବପୁରର ଆରାଧ୍ୟ ଦେବତା ବାବା ପ୍ରସନ୍ନ ଦେବଙ୍କ ଆଜ୍ଞାମାଳ ପାଇବା ଓ ଚଳନ୍ତି ବିଗ୍ରହର ଦର୍ଶନ ପରେ ଅନ୍ୟ ବିମାନ ପୂଜା ମଣ୍ଡପରେ ବିଜେ କରି ପୂଜାପାଇଥିଲେ । ଏହି ଅବସରରେ ଆୟୋଜିତ ଯଜ୍ଞରେ ଶନିବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ପଡ଼ିଥିଲା। କାଳୀନହଣ ମେଳନ ପ୍ରାୟ ୫ ଶହ ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଥିବା କୁହାଯାଏ । ଦୋଳ ଉତ୍ସବ କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପୁରାତନ ମେଳନ ଆୟୋଜିତ ହୋଇଥିଲା।

## ମେଳଣରେ ପଣା ବାଣ୍ଟିଲେ ପୁରାତନ ଛାତ୍ର

**ତିହିଡ଼ି, ୨୪।୩(ଡି.ଏନ୍.ଏ.)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ କୋହ୍ଲ ବଡ଼ଦାଣ୍ଡ ମେଳଣ ଶନିବାର ସନ୍ଧ୍ୟାରେ ଶେଷ ହୋଇଯାଇଛି। ଏହି ମେଳଣ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ଏହି ଅବସରରେ କୋହ୍ଲ ହାଇସ୍କୁଲ ପୁରାତନ ଛାତ୍ର ସଙ୍ଗଠନ ପକ୍ଷରୁ ଯାତ୍ରୀ ଓ ଶ୍ରଦ୍ଧାଳୁଙ୍କୁ ପଣା ବଣ୍ଟନ କରାଯାଇଥିଲା। ପ୍ରାବନ୍ଧିକ ବିଭୂତି ଭୂଷଣ ସେନାପତି ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପୂର୍ବତନ ସରପଞ୍ଚ ପ୍ରଦୀପ ସାହୁଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସମ୍ମାନିତ ଅତିଥିଭାବେ ବରିଷ୍ଠ ନାଗରିକ ମାୟାଧର ସାହୁ, ଘନଶ୍ୟାମ ସାହୁ, ମହେଶ୍ୱର ପ୍ରଧାନ, ଉମାକାନ୍ତ ସାହୁ, ହରିହର ମହାରଣା, ବିନୋଦ ବିହାରୀ ସାହୁ, ରାମକୃଷ୍ଣ ବାରିକ୍, କବି ରବି କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ପୁରାତନ ଛାତ୍ର ହରେକୃଷ୍ଣ ଦାସ, କ୍ଷେତ୍ରବାସୀ ପାଣି, ପ୍ରଫୁଲ୍ଲ ଦାସ, ସୁବାସ ରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## 'ସାହିତ୍ୟ ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ'

- ଉତ୍ସବରେ ସାରସ୍ୱତ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା

**ବାସୁଦେବପୁର, ୨୪।୩(ଡି.ଏନ.ଏ.)**



ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ବାର୍ଷିକ ଉତ୍ସବରେ ପ୍ରାବନ୍ଧିକ ରମାକାନ୍ତ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭଦ୍ରକ ଜିଲା ବାସୁଦେବପୁର ଅଟଳ ବିହାରୀ ହାଇସ୍କୁଲ ପରିସରରେ ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ଅଷ୍ଟମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଥିଲା। ପ୍ରାବନ୍ଧିକ ଡ. ରମାକାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଯୁଗେ ଯୁଗେ ସାହିତ୍ୟ ସମାଜକୁ ଦିଗ୍‌ଦର୍ଶନ ଦେଇ ଆସିଛି। ସାମ୍ପ୍ରତିକ ପରିସ୍ଥିତିରେ ସାହିତ୍ୟର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତ ରଖିଥିଲେ। ତ୍ୟାଗଭୂମି ସଭାପତି ଅଜୟ ନାୟକ ଅନ୍ୟତମ ଅତିଥି ଭାବେ ଯୋଗଦେଇ ସମାଜ ପରିବର୍ତ୍ତନରେ ସାରସ୍ୱତ ସାଧକଙ୍କର ଗଠନମୂଳକ ଦାୟିତ୍ୱ ରହିଛି ବୋଲି କହିଥିଲେ। ଗ୍ରନ୍ଥକାର ଅଭୟ ଦ୍ୱିବେଦୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାହିତ୍ୟର ଅବଦାନ ଉପରେ ଆଲୋକପାତ କରିଥିଲେ। ପୂର୍ବତନ ପ୍ରଧାନଶିକ୍ଷକ ଦୁଃଶାସନ ରାଉତ ଏଥିରେ ସଭାପତିତ୍ୱ କରିଥିଲେ।

ଉତ୍ସବ ପ୍ରାରମ୍ଭରେ 'ରଙ୍ଗରାଗ'ର ସମ୍ପାଦକ ପ୍ରଦୀପ୍ତ ମହାନ୍ତି ସ୍ୱାଗତ ବକ୍ତବ୍ୟ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରାବନ୍ଧିକ ଡ. ରମାକାନ୍ତ ବେହେରାଙ୍କୁ 'ରଙ୍ଗରାଗ ପ୍ରବନ୍ଧ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କବି ଅଜୟ ସ୍ୱାଇଁଙ୍କୁ ସାରସ୍ୱତ ସମ୍ମାନ, ଦିବ୍ୟସିଂ ଦାସ ଅଧିକାରୀଙ୍କୁ କବିତା ସମ୍ମାନ, ଅମରେଶ ବିଶ୍ୱାଳଙ୍କୁ ଗଳ୍ପ ସମ୍ମାନ, ଇଂ ଅରୁଣ ପଣ୍ଡାଙ୍କୁ ଶିଶୁ ସାହିତ୍ୟ ସମ୍ମାନ, ଅଭିନେତ୍ରୀ ଭାସ୍ୱତୀ ବସୁଙ୍କୁ କଳାକାର ସମ୍ମାନ, ସୁରଞ୍ଜନ ପାତ୍ରଙ୍କୁ ଗୀତିକବିତା ସମ୍ମାନ, ଶୈଳେନ୍ଦ୍ର ନାରାୟଣ ପାଢୀଙ୍କୁ ଦିବାକର ମହାନ୍ତି ସ୍ମୃତି ସମ୍ମାନ ଓ ଲୋପାମୁଦ୍ରା ସ୍ୱାଇଁଙ୍କୁ ଗବେଷକ ସମ୍ମାନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅପରାହ୍ନରେ ଆୟୋଜିତ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ଅନୁବାଦକ ଅଭିମନ୍ୟୁ ବେହେରା ସଭାପତିତ୍ୱ କରିଥିଲେ। ଅତିଥି ଭାବେ କବି ଅବନୀ ପ୍ରଧାନ, ଡାକ୍ତର କୁମାର ଗୋପାଳ, ଇଂ ସୁରେଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୫୦ ରୁ ଊର୍ଦ୍ଧ୍ୱ କବି ଓ କବୟିତ୍ରୀ କବିତା ପାଠ କରିଥିଲେ। ଲୋପାମୁଦ୍ରା ସ୍ୱାଇଁ, ଗୀତାଞ୍ଜଳୀ ପାଣିଗ୍ରାହୀ ସଂଯୋଜନା କରିଥିଲେ। କବି ବନମାଳୀ ବାରିକ, ପ୍ରହ୍ଲାଦ ବାରିକ, ରତ୍ନାକର ବାରିକ, ପ୍ରହ୍ଲାଦ ମାହୁନ୍ତ, ନାରାୟଣ ନାୟକଙ୍କ ସମେତ ଶତାଧିକ ସାରସ୍ୱତ ସାଧକ ଉତ୍ସବରେ ଯୋଗ ଦେଇଥିଲେ।

## ଅଡ଼ାଳପଙ୍କ ପ୍ରିମିୟର ଲିଗ୍

## ରିସି ରାଇଜିଂ ଓ ରେନ ବୋ ଟିପଟିପ୍ ବିଜୟୀ

**ବନ୍ତ,୨୪।୩(ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଅଡ଼ାଳପଙ୍କ ମିନି ଷ୍ଟାଡିୟମରେ ଶନିବାର ଦୀପକ ସ୍ମାରକୀ ଅଡ଼ାଳପଙ୍କ ପ୍ରିମିଅର୍ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ରେନ ବୋ ୟୁଥ କ୍ଲବ ପକ୍ଷରୁ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ରିସି ରାଇଜିଂ ଓ ମାଇଣ୍ଡ ହକର ମଧ୍ୟରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ରିସି ରାଇଜିଂ ନିର୍ଦ୍ଧାରିତ ୧୨ ଓଭରରେ ୮ ଉଇକେଟ ହରାଇ ୧୪୦ ରନ କରିଥିବାବେଳେ ମାଇଣ୍ଡ ହକର ୧୨ ଓଭରରେ ୯ ଉଇକେଟ ହରାଇ ୧୨୦ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ୨ୟ ମ୍ୟାଚ ରିସି ରାଇଜିଙ୍ଗ ଓ ରେନ ବୋ ଟିପଟପ୍ ମଧ୍ୟରେ ଖେଳାଯାଇଥିଲା। ପ୍ରଥମେ ବ୍ୟାଟିଂ କରି ରେନବୋ ଟିପ୍‌ଟପ ସମସ୍ତ ଉଇକେଟ ହରାଇ ୧୨୦ ରନ କରିଥିଲା। ଜବାବରେ ରିସି ରାଇଜିଙ୍ଗ ୯୨ ରନରେ ସମସ୍ତ ୱିକେଟ ହରାଇ ପରାଜିତ ହୋଇଥିଲା। କମଳାକାନ୍ତ ବିଶ୍ୱାଳ, ବଂଶୀଧର ଖିଲାର, ସୁଜିତ ପାତ୍ର, ପ୍ରଦୀପ ଜେନା ମ୍ୟାଚ ପରିଚାଳନା କରିଥିଲେ। ସ୍କୋର ବୋର୍ଡ ଦାୟିତ୍ୱରେ ଅବିନା ସ୍ୱାଇଁ, ଝୁଲୁ ପଣ୍ଡା ଓ ଭାଷ୍ୟକାର ଭାବେ ମହେନ୍ଦ୍ର ମୁଖି ଓ ସିପୁ ରାଉତ ଦାୟିତ୍ୱ ନିର୍ବାହ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ଭଣ୍ଡାରୀ ପୋଖରୀ କଂଗ୍ରେସ ନେତା ସୁବ୍ରତ ଦାସ, ଜୋନ କଂଗ୍ରେସ ସଭାପତି ବିଜୟ କୁମାର ଜେନା, ଅବସରପ୍ରାପ୍ତ ଫାର୍ମାସିଷ୍ଟ ଧନେଶ୍ୱର ବିଶ୍ୱାଳ, ଜୟକୃଷ୍ଣ ନାୟକ, ରବୀନ୍ଦ୍ର ଜେନା ଯୋଗ ଦେଇଥିଲେ। ଆସୋସିଏଶନ ସଭାପତି ମାନସ ଖିଲାର, ମ୍ୟାନେଜର ଜଗନ୍ନାଥ ନାୟକ ଓ ସମସ୍ତ ସଦସ୍ୟ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## 'ଶିକ୍ଷା ବିନା ସମାଜ ଗଠନ ଅସମ୍ଭବ'

**ପଦ୍ମପୁର, ୨୪।୩(ଡି.ଏନ.ଏ.)**

ସମାଜ ଗଠନରେ ଶିକ୍ଷାର ଭୂମିକା ଅପରିହାର୍ଯ୍ୟ । ଶିକ୍ଷା ବିନା ସମାଜ ଗଠନ ଅସମ୍ଭବ ବୋଲି ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତର ସାନଅଗାପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଅତିଥି ଓ ବକ୍ତାମାନେ ମତ ବ୍ୟକ୍ତ କରିଛନ୍ତି। ପ୍ରଧାନଶିକ୍ଷକ ଶଶିକାନ୍ତ ବେହେରାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ଉତ୍ସବରେ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ସୌମେନ୍ଦ୍ର କୁମାର ପଣ୍ଡୁଆ ମୁଖ୍ୟ ଅତିଥି, ଚତରପଦା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପରମେଶ୍ୱର ଶତପଥୀ ମୁଖ୍ୟବକ୍ତା ଏବଂ ମେଳକସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁକାନ୍ତ ଜେନା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କଳ୍ପନା ବଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭ୍ୟ ସତ୍ୟସୁନ୍ଦର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବାର୍ଷିକ କ୍ରୀଡ଼ା ଓ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୪୨ ଜଣ ଛାତ୍ରୀଛାତ୍ରଙ୍କୁ ପ୍ରମାଣ ପତ୍ର ଦିଆଯାଇ ପୁରସ୍କୃତ କରାଯାଇଥିଲା।

## ରାଧାକୃଷ୍ଣଙ୍କ ବିମାନ ଯାତ୍ରା

**ବନ୍ତ,୨୪।୩(ଡି.ଏନ୍.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ରାମପୁର ପଞ୍ଚାୟତ ବାଲୋ ଶାସନ ହରିହାଟଠାରେ ରାଧାକୃଷ୍ଣଙ୍କ ବିମାନ ଯାତ୍ରା ନବମୀ ତିଥି ଠାରୁ ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। ଦୋଳ ପୂର୍ଣ୍ଣମାରେ କୁଣ୍ଡୁଳା, କଳାହାଣ୍ଡିଆ, ବାଲୋ, ଅଣ୍ଡେଇପଲୀ ଆଦି ଗ୍ରାମରୁ ଠାକୁରଙ୍କ ବିମାନ ଆସି ଏକତ୍ରିତ ହୋଇ ପୂଜା ପାଇଥିଲେ। ଏହି ପୂଜା ୧୫ ଦିନ ଧରି ଚାଲିଥାଏ ବୋଲି ଗ୍ରାମବାସୀ କହିଛନ୍ତି।

## ଚୋରା ମଦ ବିକ୍ରିକୁ ମହିଳାଙ୍କ ବିରୋଧ



ଚୋରାରେ ମଦ ବିକ୍ରି ହେଉଥିବା ସ୍ଥାନରେ ପୋଲିସର ଚଢ଼ାଉ।

**ବନ୍ତ,୨୪।୩(ଡି.ଏନ୍.ଏ.)**

ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ପଧାନପଡା ଆଦିବାସୀ ସାହି ଓ ଏହା ଆଖପାଖରେ ଚୋରା ମଦ ତିଆରି ଓ ବିକ୍ରି କାରବାର ବୃଦ୍ଧି ପାଇଛି। ଏ ନେଇ ବାରମ୍ବାର ଅଭିଯୋଗ ହେବା ସତ୍ତ୍ୱେ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଏହାର ପ୍ରତିବାଦରେ ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳା ରବିବାର ଏକତ୍ରିତ ହୋଇ ଜୋରଦାର ଦାବି ଉଠାଇଛନ୍ତି। ଖବର ପାଇ ବନ୍ତ ପୋଲିସ ଘଟଣା ସ୍ଥଳରେ ପହଞ୍ଚିବା ସହ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା। ଚଢାଉ ବେଳେ କେତେକ ମଦ ପ୍ରସ୍ତୁତି ସାମଗ୍ରୀ ଜବତ ସହ ୪ ଜଣଙ୍କୁ ଥାନାକୁ ଆଣି ପଚରା ଉଚରା କରାଯାଉଛି ବୋଲି ବନ୍ତ ଥାନା ଆଇଆଇସି ଗଣେଶ୍ୱର ପ୍ରଧାନ କହିଛନ୍ତି।

# ଗୋପବନ୍ଧୁ ପୂଜାଲାଗି ଉତ୍ସବମୁଖର ଗାଁ

- ନିଆରା ପରମ୍ପରା ସୃଷ୍ଟି କରିଛି ଭାଇଚାରା
- ବାଡି,ଖଣ୍ଡାଖେଳ ସାଙ୍ଗକୁ ମନ ମୋହୁଛି ରାଧାକୃଷ୍ଣ ନୃତ୍ୟ
- ପାଲା, ଯାତ୍ରା, ଦାସକାଠିଆରେ କମ୍ପୁଛି ଗାଁ ଦାଣ୍ଡ



ସାନ ଓଳଗ ମଣ୍ଡପରେ ପୂଜା ପାଉଥିବା ଗୋପବନ୍ଧୁ ମୂର୍ତ୍ତି।

**ଆରଡି, ୨୪।୩, (ଡି.ଏନ.ଏ.)**

ଭଦ୍ରକ ଜିଲାର ଶୈବପୀଠ ଆରଡି ଚତୁଃପାର୍ଶ୍ୱରେ ରହିଛି ଗୋପାଳ ସମ୍ପ୍ରଦାୟଙ୍କ ଜନପଦ। ଏହି ସମ୍ପ୍ରଦାୟର ଲୋକେ ନିଆରା ଢଙ୍ଗରେ ସେମାନଙ୍କ ଆରାଧ୍ୟ ଦେବତା ଗୋବବନ୍ଧୁଙ୍କୁ ପୂଜା କରିଥାନ୍ତି। ଏଥର ଗୋପବନ୍ଧୁ ପୂଜା ଲାଗି ଗୁରୁବାରଠାରୁ ଚାନ୍ଦବାଲି ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତ ଉତ୍ସବମୁଖର ହୋଇ ଉଠିଛି। ଆରଡି ପଞ୍ଚାୟତର ବାତୋଳ, ସିଙ୍ଗିପୁର, ମୁଆଁ, ନାନ୍ଦପୁର ପଞ୍ଚାୟତର ନାନ୍ଦପୁର, ବାଙ୍କମୁହାଁ, ପହଣା, ଓଳଗ ପଞ୍ଚାୟତର ଓଳଗ, ଅମୃତମଣୋହି, ଷାଠିବାଙ୍କୁଡା,ବୋଡକ, ସୁନ୍ଦରପୁର ପଞ୍ଚାୟତର ସୁନ୍ଦରପୁର, କୁଳେଇପଦା, ଦୋହରାପାଟଣା, ଖଟୁଆପାଟଣା, ଧାମନଗର ବ୍ଲକ ପାଳସାହି ପଞ୍ଚାୟତର ପାଳସାହି, ବେତାଳିଗାଁ, ସାଆଁଳପୁର,ରଇପୁର ପଞ୍ଚାୟତର ରଇପୁର,କଣ୍ଟିକା, ବାଙ୍କସାହି, କାଠମୁଣ୍ଡା, ତିହିଡି ବ୍ଲକର ଶ୍ୟାମସୁନ୍ଦରପୁର ପଞ୍ଚାୟତର ଶ୍ୟାମସୁନ୍ଦରପୁର, ଉପରଦୁମୁକା, ନୂଆସାହି, ତଳଦୁମୁକା ଆଦି ଗାଁରେ ପାରମ୍ପରିକ ରୀତିରେ ଏହି ପୂଜା କରାଯାଉଛି।

କାଠମୁଣ୍ଡା ଗାଁରେ ଗୋପବନ୍ଧୁ ପୂଜା ଉପଲକ୍ଷେ ୧୦୮ କଳସଧାରୀ ମହିଳା ବାଙ୍କସାହି ନିକଟ ଗେଙ୍ଗୁଟି ନଦୀରୁ ଜଳ ଆଣି ପୂଜାସ୍ଥଳରେ ଘଟ ସ୍ଥାପନ କରିଥିଲେ । କଳସ ଶୋଭାଯାତ୍ରା ବେଳେ ଛୋଟପିଲାମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ ଢୋଲ, ମହୁରୀର ତାଳେତାଳେ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ଓଳଗ, ସାଠିବାଙ୍କୁଡା, ଦୋହରା ପାଟଣା ଆଦି ଗାଁରେ ବାଡ଼ି ଓ ଖଣ୍ଡାଖେଳ ଦର୍ଶକଙ୍କ ମନ ମୋହିଥିଲା । ୫ ଦିନ ଧରି ହେଉଥିବା ଏହି ପୂଜାର ମୁଖ୍ୟ ଆକର୍ଷଣ ମଇଁଷି ଘିଅରେ ପ୍ରସ୍ତୁତ ରସରସିଆ ଘିଅପିଠା। ଗୋପାଳ ସମ୍ପ୍ରଦାୟ ମହିଳାମାନେ ମାଟି ପଲମରେ ଏହାକୁ ପ୍ରସ୍ତୁତ କରି ପରମ୍ପରା ଅନୁଯାୟୀ ଗାଁରେ ବସବାସ କରୁଥିବା ସବୁ ସମ୍ପ୍ରଦାୟର ପରିବାରକୁ ବାଣ୍ଟିଥିଲେ। ପୂଜା ଅବସରରେ ଗାଁରେ ସକାଳଠାରୁ ରାତି ପର୍ଯ୍ୟନ୍ତ ବ୍ରାହ୍ମଣଙ୍କ ପୁରାଣପାଠ, ମନ୍ତ୍ରୋଚାରଣ ସାଙ୍ଗକୁ ଯାଗଯଜ୍ଞ କରାଯାଉଛି। । ପ୍ରତି ସନ୍ଧ୍ୟାରେ ଘରେଘରେ ପ୍ରସ୍ତୁତ ପୁରି, ଲୁଚି, ଖିରି, ତରକାରୀ ପ୍ରସ୍ତୁତ କରାଯିବାସହ ବିଭିନ୍ନ ଫଳମୂଳ ଭୋଗ ଲାଗି ହେଉଛି । ଏହି ପୂଜାରେ ଅନ୍ୟ ସମ୍ପ୍ରଦାୟର ଲୋକେ ଗୋପାଳଙ୍କ ଘରକୁ ଆସି ଭୋଜନ କରିବା ଏକ ନିଆରା ପରମ୍ପରା ସୃଷ୍ଟି କରିଛି। ସେହିପରି ଗାଁ ଗାଁରେ ପାଲା, ଯାତ୍ରା, ଦାସକାଠିଆ, ରାମଚରିତ ମାନସ ଆଦି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ମଧ୍ୟ କରାଯାଉଛି।

## ସଂକ୍ଷେପରେ

### କେନ୍ଦ୍ରୀୟ ଅବହେଳାକୁ ସମାଲୋଚନା

**ପଦ୍ମପୁର, ୨୪।୩(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଏଡତାଳ ପଞ୍ଚାୟତର ପାବନ କ୍ଷେତ୍ର ପଡ଼ିଆରେ ଶନିବାର ସନ୍ଧ୍ୟାରେ ବିଜେଡି ତରଫରୁ 'ହକ୍ ମାଗୁଛି ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ୧୮ ନଂ ଜିଲା ପରିଷଦ ଜୋନର ୮ଟି ପଞ୍ଚାୟତର କର୍ମକର୍ତ୍ତା ଯୋଗ ଦେଇଥିଲେ। ଓଡ଼ିଶା ପ୍ରତି କେନ୍ଦ୍ରୀୟ ଅବହେଳାକୁ ସଭାରେ ସମାଲୋଚନା କରାଯାଇଥିଲା। ବ୍ଲକ ଯୁବ ବିଜେଡି ସଭାପତି ଅସିତ କୁମାର ଦାସ ଏଥିରେ ସଭାପତିତ୍ୱ କରିଥିଲେ। ଯୁବନେତା ବିଷ୍ଣୁବ୍ରତ ରାଉତରାୟ, ଜିଲା ପରିଷଦ ସଭ୍ୟା ମଞ୍ଜୁଲତା ବଳ, ଜିଲା ବିଜେଡି ଉପସଭାପତି ଦେବଦର୍ଶନ ଦାସ, ଏଡତାଳ ସରପଞ୍ଚ ଜୟକୃଷ୍ଣ ନାୟକ, ପଦ୍ମପୁର ସମିତି ସଭ୍ୟ ବନଜ କୁମାର ମହାପାତ୍ର, ଛାତ୍ର ସଭାପତି କାଳନ୍ଦୀ ସାହୁ, ଯୁବ ନେତା ପୃଥ୍ୱିରାଜ ବିଶ୍ୱାଳ, ଉମାକାନ୍ତ ଦାସ, ହରେକୃଷ୍ଣ ଦତ୍ତ, ଅମରେନ୍ଦ୍ର ପଲାଇ, ରାଜକୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ।

### ଦଳ ଛାଡ଼ିଲେ ବହଳଦା ଅଞ୍ଚଳର ଭାଜପା କାର୍ଯ୍ୟକର୍ତ୍ତା

**ବହଳଦା,୨୪।୩(ଡି.ଏନ.ଏ.):** ମୟୂରଭଞ୍ଜ ଜିଲାର ପୂର୍ବରୁ ଥିବା ବହଳଦା ନିର୍ବାଚନ ମଣ୍ଡଳୀ ତଥା ବର୍ତ୍ତମାନର ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀର ଭାଜପାର କିଛି ଆଗଧାଡ଼ିର ନେତା ରବିବାର ସମସ୍ତ ପଦପଦବୀ ଓ ପ୍ରାଥମିକ ସଦ୍ୟସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଜିଲା ଉପସଭାପତି ପ୍ରମୋଦ ଦାଶ, ଜିଲା କାର୍ଯ୍ୟକାରିଣୀ ସଦ୍ୟସ୍ୟ ପଙ୍କଜ ରାଉତ, ଜିଲା କାର୍ଯ୍ୟକାରିଣୀ ସଦ୍ୟସ୍ୟ ମହେଶ ଶର୍ମା, ବହଳଦା ପଞ୍ଚାୟତ ସମିତି ପୂର୍ବତନ ଅଧକ୍ଷ ଯଦୁରାମ ମୁର୍ମୁ, ଝରାଡ଼ିହି ମଣ୍ଡଳ ସଭାପତି ଦୀନବନ୍ଧୁ ମହାନ୍ତ, ଜିଲା କର୍ଯ୍ୟାକାରିଣୀ ସଦ୍ୟସ୍ୟ ଗଣେଶ ମିଶ୍ର ଏବଂ ମହିଳାମୋର୍ଚ୍ଚା ଜିଲା କାର୍ଯ୍ୟକାରିଣୀ ସଦସ୍ୟା ସୁଦେବୀ ବେହେରା। ଦୀର୍ଘ ୩୦ ବର୍ଷ ଧରି ଭାଜପା ସଂଗଠନକୁ ସୁଦୃଢ କରିବା ପାଇଁ ନିରବିଚ୍ଛିନ୍ନ ଭାବେ କାମ କରିବା ପରେ ପୁରୁଣା କର୍ମୀମାନଙ୍କୁ ଉପେକ୍ଷା ଓ ଅଣଦେଖା କରାଯାଉଛି ବୋଲି ଦଳ ଛାଡିଥିବା କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି।

### ବିଧାୟକଙ୍କ ବିରୋଧରେ ମୁହଁ ଖୋଲିଲେ କର୍ମୀ

**ଚାନ୍ଦବାଲି, ୨୪।୩ (ଡି.ଏନ.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ବିଜେଡିରେ ଗୋଟିଏ ଗୋଷ୍ଠୀ ସ୍ଥାନୀୟ ବିଧାୟକ ବ୍ୟୋମକେଶ ରାୟଙ୍କୁ ବିରୋଧ କରିବା ଘଟଣା ପଦାକୁ ଆସିଛି। ଶନିବାର ଏହି ଗୋଷ୍ଠୀ ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇ ଦଳୀୟ ସମସ୍ୟା ତଥା ବିଧାୟକଙ୍କ ସମ୍ପର୍କରେ ସେମାନେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି। ବାଲିଗାଁ ପଞ୍ଚାୟତର ପୂର୍ବତନ ବିଜେଡି ସଭାପତି ଗୋଲକ ବିହାରୀ ମହାନ୍ତି, ପ୍ରଫୁଲ୍ଲ ସାହୁ, ବଡ଼ଓସ୍ତିଆର ପୂର୍ବତନ ସରପଞ୍ଚ ସଚ୍ଚରଣ ନାୟକ, ତେନ୍ତୁଳିଡିହ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ସୁକାନ୍ତ ନାୟକ, ସୁକାନ୍ତ ମହାଳିକ, ଫକୀର ସାହୁ, ରତିକାନ୍ତ ସାହୁ, ଦଶରଥ ନାୟକ, କୀର୍ତ୍ତନ ସାହୁ, ଭାରତ ଭୂଷଣ ରାୟ, ବିଜୟ ନାୟକ ଓ ପ୍ରହ୍ଲାଦ ଦାସ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ। ସେମାନେ କହିଥିଲେ ଯେ, ଦୀର୍ଘବର୍ଷ ଧରି ଦଳର ସଂଗଠନ କାର୍ଯ୍ୟ କରିଆସୁଥିବା ଛାମୁଆ କର୍ମୀଙ୍କ ଜୀବନ ଆଜି ବିପଦରେ ପଡ଼ିଛି। ଚାନ୍ଦବାଲିର ପ୍ରଗତି ବାଧାପ୍ରାପ୍ତ ହେବା ସମ୍ପର୍କରେ ସେମାନେ ଅଭିଯୋଗ କଲେ ଧମକ ଚମକ ମିଳୁଛି। ଏ ସମ୍ପର୍କରେ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଚାନ୍ଦବାଲି ପାଇଁ ଜଣେ ଉପଯୁକ୍ତ ପ୍ରାର୍ଥୀ ଦେବା ସକାସେ ଦାବି ଜଣାଇଛନ୍ତି। ବିଧାୟକଙ୍କୁ ବିରୋଧ କରିଆସୁଥିବା ଗୋଷ୍ଠୀ ଏଠାରେ ମୁହଁ ଖୋଲିବା ଘଟଣାରୁ ଦଳର ଆଭ୍ୟନ୍ତରୀଣ କନ୍ଦଳ ପଦାରେ ପଡ଼ିଛି। ଏ ସମ୍ପର୍କରେ ବିଧାୟକ ରାୟଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ତାଙ୍କ ମତାମତ ମିଳିପାରି ନାହିଁ।

### ଭାଜପା ଛାଡ଼ିଲେ ବୃନ୍ଦାବନ

**ବଡସାହି,୨୪।୩(ସ୍ୱ.ପ୍ର.):** ଭାଜପା ରାଜ୍ୟ ଅନସୂଚିତ ଜାତି ମୋର୍ଚ୍ଚା କୋଷାଧକ୍ଷ ବୃନ୍ଦାବନ ଦାସ ଦଳର ପଦବୀ ଓ ପ୍ରାଥମିକ ସଦସ୍ୟରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ଦଳ ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ନିକଟକୁ ପଠାଇଛନ୍ତି। ବୃନ୍ଦାବନ ବଡ଼ସାହି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଆଶାୟୀ ପ୍ରାର୍ଥୀ ଥିଲେ।

# ଜଳେଶ୍ୱର କଂଗ୍ରେସରେ ବିଦ୍ରୋହ ତେଜିଲା

- ଅସନ୍ତୁଷ୍ଟ ଗୋଷ୍ଠୀଙ୍କ ବୈଠକରେ ଚେତାବନୀ
- ପୁନର୍ବିଚାର କର ନଚେତ୍ ସ୍ୱାଧୀନ ପ୍ରାର୍ଥୀ ଦେବୁ

**ଜଳେଶ୍ୱର,୨୪।୩(ଡି.ଏନ.ଏ.)**


କଂଗ୍ରେସ ଅସନ୍ତୁଷ୍ଟ ଗୋଷ୍ଠୀଙ୍କ ବୈଠକ।

ବାଲେଶ୍ୱର ଜିଲାର ୮ଟି ବିଧାନସଭା ଆସନ ମଧ୍ୟରୁ କଂଗ୍ରେସ ଜଳେଶ୍ୱର ଓ ନୀଳଗିରି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ଭାଜପା ଲୋକସଭା ଆସନ ଓ ଅନ୍ୟ ଦୁଇଟି ବିଧାନସଭା ଆସନ ବାଲେଶ୍ୱର ସଦର ଓ ରେମୁଣା ଲାଗି ପ୍ରାର୍ଥୀ ଘୋଷଣା କରିଛି। ଶାସକ ବିଜେଡି ଜିଲାର କୌଣସି ଆସନ ପାଇଁ ଏଯାଏ ପ୍ରାର୍ଥୀ ଘୋଷଣା କରିନାହିଁ। କଂଗ୍ରେସ ଦୁଇଟି ଆସନ ସକାଶେ ପ୍ରାର୍ଥୀ ଘୋଷଣା ପରେ ଦଳୀୟ ସଙ୍ଗଠନରେ ବିଦ୍ରୋହ ତେଜିଛି। ଜଳେଶ୍ୱର ବିଧାନସଭା ନିର୍ବାଚନ ମଣ୍ଡଳୀ ସକାଶେ ପିସିସିର ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସଙ୍କୁ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିଥିବାରୁ ଅନ୍ୟ ଆଶାୟୀଙ୍କ ସମର୍ଥକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ରବିବାର ପୂର୍ବାହ୍ନରେ ଜଳେଶ୍ୱର ବ୍ଲକ ରାଜପୁର ପଞ୍ଚାୟତ ବାଘାବାଳି ଗ୍ରାମରେ କଂଗ୍ରେସର ଅସନ୍ତୁଷ୍ଟ ନେତୃବୃନ୍ଦ ଓ କର୍ମୀମାନେ ଏକଜୁଟ୍ ହୋଇ ବୈଠକ କରିଥିଲେ। ସ୍ଥାନୀୟ ପ୍ରାର୍ଥୀଙ୍କୁ ଉପେକ୍ଷା କରି ଅନ୍ୟ ଜିଲାର ପ୍ରାର୍ଥୀଙ୍କୁ ଏଠାରେ କିଭଳି ଟିକେଟ ଦିଆଗଲା ସେନେଇ ପୁରୁଖା କର୍ମୀମାନେ ପ୍ରଶ୍ନ ଉଠାଇଥିଲେ। ଦଳ ପକ୍ଷରୁ ଦିଆଯାଇଥିବା ପ୍ରାର୍ଥୀ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ଭୋଟର ନୁହନ୍ତି କି ବାଲେଶ୍ୱର ଜିଲାର ବାସିନ୍ଦା ନୁହନ୍ତି। ଆଗାମୀ ୩ ଦିନ ମଧ୍ୟରେ କଂଗ୍ରେସ ନେତୃତ୍ୱ ପ୍ରାର୍ଥୀ ଘୋଷଣା ନିଷ୍ପତ୍ତିର ପୁନର୍ବିଚାର କରା ନ ଗଲେ ଅସନ୍ତୁଷ୍ଟ ଗୋଷ୍ଠୀ ଏଠାରୁ ସ୍ୱାଧୀନ ପ୍ରାର୍ଥୀ ଦେବେ ବୋଲି ବୈଠକରେ ଚେତାବନୀ ଦେଇଥିଲେ।

ପୂର୍ବତନ ବ୍ଲକ ଅଧକ୍ଷ ତଥା ଜିଲା କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ତପନ ଦାସ କହିଥିଲେ, ବାହାର ଅଞ୍ଚଳର ଜଣେ ନେତାଙ୍କୁ ଏଠାରୁ କାହିଁକି ପ୍ରାର୍ଥୀ କରାଯାଇଛି, ସେନେଇ ଦଳର ନେତୃବୃନ୍ଦଙ୍କୁ ଉତ୍ତର ଦେବାକୁ ପଡ଼ିବ । ରାଜପୁର ସମିତିସଭ୍ୟ ମଧୁସୂଦନ ଦାସ ବୈଠକରେ ଅନୁରୂପ ପ୍ରତିକ୍ରିୟା ବ୍ୟକ୍ତ କରିଥିଲେ। କଂଗ୍ରେସର ଗଡ଼ ଭାବେ ପରିଚିତ ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ସକାଶେ ଦଳର ପୁରୁଣା ସଂଗଠକ ଓ ନେତୃବୃନ୍ଦଙ୍କୁ ଟିକେଟ ମିଳୁ ବୋଲି କର୍ମୀମାନେ ସମ୍ମିଳିତ ଦାବି କରିଥିଲେ। ସଭାରେ ପୂର୍ବତନ ସରପଞ୍ଚ ତଥା ଆଇନଜୀବୀ ପ୍ରଶାନ୍ତ ପ୍ରଧାନ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଉନ୍ କଂଗ୍ରେସ ସଭାପତି ରିୟାଜ ଖାଁ, ବିଭୁରେନ୍ଦ୍ର ଦେ, ଗିରିଜା ଜେନା, ସନାତନ ପାଳ, ସୁଶାନ୍ତ ପ୍ରଧାନ, ଉମାଶଙ୍କର ମହାପାତ୍ର, ସପନ ଜେନା, ମନୋଜ ଭୂୟାଁ, ସୁଧାଂଶୁ ଜେନା, ଚନ୍ଦନ ମଣ୍ଡଳ, ସୁଶୀଲ ପରିଡ଼ା, ଜୟନ୍ତ ମହାପାତ୍ର, ବସନ୍ତ ନାୟକ, ଆକବର ଖାନ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଅସନ୍ତୁଷ୍ଟ ଗୋଷ୍ଠୀଙ୍କ ବୈଠକ ଓ ଅଭିଯୋଗ ସମ୍ପର୍କରେ କଂଗ୍ରେସ ପ୍ରାର୍ଥୀ ସୁଦର୍ଶନଙ୍କୁ ପଚାରିବାରୁ ସେ କହିଲେ, ଦଳ ତାଙ୍କୁ ଏଠାରେ ଟିକେଟ ଦେଇଛି। ଦଳକୁ ଆନ୍ତରିକ ଭାବେ ଭଲ ପାଉଥିବା କର୍ମୀ ଓ ନେତା ଏହି ନିଷ୍ପତ୍ତିକୁ ସମ୍ମାନ ଦେବା ଉଚିତ୍। ତାଙ୍କ ପ୍ରାର୍ଥିତ୍ୱକୁ ଦଳ ପକ୍ଷରୁ ସ୍ୱାଗତ କରାଯାଇଛି। ସେ ବାହାର ଜିଲାର ପ୍ରାର୍ଥୀ ନୁହନ୍ତି। ଜଳେଶ୍ୱର ନିର୍ବାଚନମଣ୍ଡଳୀ ଅଧୀନ ସନ୍ତୋଷପୁର ପଞ୍ଚାୟତର ଫେଙ୍ଗଡିହା ଗ୍ରାମର ଭୋଟର ତାଲିକାରେ ତାଙ୍କ ନାମ ଅଛି। ତାଙ୍କ ବାପା ଚୈତନ୍ୟ ଦାସ ଏବଂ ଜେଜେବାପା ଯଜ୍ଞେଶ୍ୱର ଦାସ ଫେଙ୍ଗଡିହାର ମୂଳ ବାସିନ୍ଦା। ଏ ଦୃଷ୍ଟିରୁ ତାଙ୍କୁ ବାହାର ଜିଲାର ପ୍ରାର୍ଥୀ କୁହାଯିବା ଠିକ୍ ନୁହେଁ। ତେବେ ଅସନ୍ତୋଷ ଗୋଷ୍ଠୀକୁ ମନାଇବା ପାଇଁ ଉଦ୍ୟମ କରାଯିବ ବୋଲି ସେ କହିଛନ୍ତି।

### 'ହକ୍ ମାଗୁଛି ଓଡ଼ିଶା' କାର୍ଯ୍ୟକ୍ରମ

**ବନ୍ତ,୨୪।୩(ଡି.ଏନ୍.ଏ.) :** ଗୁରୁବାର ଭଦ୍ରକ ଜିଲା ବନ୍ତ ବ୍ଲକ ୧୬ନଂ.ଜୋନ୍ ଅଧୀନ କେନ୍ଦୁଆପଦାଠାରେ ବନ୍ତ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ 'ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଥିଲା। ବ୍ଲକ ଛାତ୍ର ବିଜେଡି ସଭାପତି ପ୍ରଣବ କିଶୋର ଲେଙ୍କା ଏଥିରେ ସଭାପତିତ୍ୱ କରିଥିଲେ। ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବ୍ଲକ ବିଜେଡି ସଭାପତି କମଳାକାନ୍ତ ସାହୁ, ଜିଲା ପରିଷଦ ସଭ୍ୟ ପ୍ରଶାନ୍ତ ଦାଶ, ରବୀନ୍ଦ୍ର ଦାସ, ବ୍ଲକ ଯୁବ ବିଜେଡି ସଭାପତି ସତ୍ୟସାଧନ ବେଜ ପ୍ରମୁଖ ଯୋଗଦେଇ ରାଜ୍ୟ ପ୍ରତି କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବକୁ ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀଙ୍କ ପ୍ରତିନିଧି ଜିତେନ୍ଦ୍ର କୁମାର ନାୟକ, ରାଜ୍ୟ ଛାତ୍ର ବିଜେଡି ସାଧାରଣ ସମ୍ପାଦକ ଚିନ୍ମୟ ଦାସ, ଜିଲା ଛାତ୍ର ବିଜେଡି ଉପସଭାପତି ହୃଦୟ ରଞ୍ଜନ ମହାପାତ୍ର, ସମିତି ସଭ୍ୟ ରବୀନ୍ଦ୍ର ଧଳ, ବିଜୟ କୁମାର ଖଟୁଆ, ସରପଞ୍ଚ ଅଶୋକ କୁମାର ମହାନ୍ତି, ଯୁବନେତା ସମିମ୍ ନୱାଜ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ନୀଳଗିରିରେ ପ୍ରତାପଙ୍କୁ ସମ୍ବର୍ଦ୍ଧନା


ଭାଜପା ପକ୍ଷରୁ ପ୍ରତାପ ଷଡ଼ଙ୍ଗୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା।

**ସଜନାଗଡ଼,୨୪।୩(ଡି.ଏନ.ଏ.)**

ଭାଜପା ପକ୍ଷରୁ ବାଲେଶ୍ୱର ଲୋକସଭା ଆସନ ନିମନ୍ତେ ପ୍ରାର୍ଥୀ ହୋଇଥିବା ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ନୀଳଗିରିଠାରେ ସମ୍ବର୍ଦ୍ଧନା ଦିଆଯାଇଛି। ଶେରଗଡ଼ ଟୋଲ୍ ଗେଟ୍‌ଠାରେ ଷଡଙ୍ଗୀ ପହଞ୍ଚିବା ପରେ ରବିବାର ମଧ୍ୟାହ୍ନରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ନୀଳଗିରି ବିଧାୟକଙ୍କ ଇଂ. ସୁକାନ୍ତ କୁମାର ନାୟକଙ୍କ ସମେତ ଭାଜପା ଦଳର ସକ୍ରିୟ ସଦସ୍ୟ ଏକ ବିଶାଳ ମୋଟରସାଇକେଲ ଶୋଭାଯାତ୍ରାରେ ତାଙ୍କୁ ନୀଳଗିରି ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ। ସ୍ଥାନୀୟ କଲ୍ୟାଣମଣ୍ଡପରେ ଆୟୋଜିତ ସ୍ୱାଗତ ସଭାରେ ଷଡଙ୍ଗୀ ଉଦ୍‌ବୋଧନ ଦେଇ ଦଳ ପାଇଁ ସେ ସମର୍ପିତ ହୋଇଥିବା ପ୍ରକାଶ କରିଥିଲେ। ବିଜେଡିରୁ ଇସ୍ତଫା ଦେଇଥିବା ନୀଳଗିରି ବିଧାୟକ ନାୟକ ଭାଜପାରେ ବିଧିବଦ୍ଧ ଭାବେ ଯୋଗଦେବା ପରେ ତାଙ୍କର ପ୍ରଥମ ଶକ୍ତି ପ୍ରଦର୍ଶନ କରିଥିଲେ। ଗତ ୫ବର୍ଷ ଭିତରେ ନୀଳଗିରି ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ବିକାଶ ହୋଇଛି । ଜନସାଧାରଣଙ୍କର ଆଶୀର୍ବାଦ ଏବଂ ଭାଜପାର ମଜଭୁତ ସଙ୍ଗଠନ ସାଙ୍ଗକୁ ଏମ୍‌ପି ପାର୍ଥୀ ଷଡ଼ଙ୍ଗୀଙ୍କ ଶାସନ ଆଗାମୀ ଦିନରେ ଭାଜପାକୁ ପୁଣି କ୍ଷମତାସୀନ କରାଇବାରେ ସହାୟକ ହେବ ବୋଲି ପ୍ରକାଶ କରିଥିଲେ। ଚନ୍ଦ୍ରଶେଖର ନନ୍ଦ, ସିପ୍ରା ବାଜପେୟୀ, ସମରଶେଖର କାନୁନ୍‌ଗୋ, ଅଭୟ ମିଶ୍ର, ଗଙ୍ଗାଧର ମିଶ୍ର, କମଳାକାନ୍ତ ମହାକୁଡ଼, ତାପସ ମହାନ୍ତି, ପ୍ରଦୀପ ଆଚାର୍ଯ୍ୟ, ସୁରଞ୍ଜନ ମୁନି, ଦିଲୀପ ଦାସ, ଚନ୍ଦ୍ରଶେଖର ମହାଳିକ ଏବଂ ସୂର୍ଯ୍ୟକାନ୍ତ ବିଶ୍ୱାଳଙ୍କ ସମେତ ବହୁ ସମର୍ଥକ ଓ ଶୁଭେଚ୍ଛୁ ସମାବେଶରେ ଯୋଗ ଦେଇଥିଲେ।

## ଷାଠିବାଙ୍କୁଡ଼ାରେ ଭାଜପାର ମିଶ୍ରଣ ପର୍ବ

**ଆରଡି, ୨୪।୩, (ଡି.ଏନ.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଓଳଗ ପଞ୍ଚାୟତର ଷାଠିବାଙ୍କୁଡା ଠାରେ ଶନିବାର ସନ୍ଧ୍ୟାରେ ଭାଜପା ପକ୍ଷରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଭାଜପା ମଣ୍ଡଳ ସଭାପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲଙ୍କ ସମେତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କହ୍ନେଇ ଚରଣ ବିଳାସ, ନୀଳମଣି ବିଶ୍ୱାଳ, ଶଶାଙ୍କ ବେହୁରିଆ, ମିହିର ନାୟକ, ସୁମନ୍ତ ନାୟକ, ସୁବାସ ମହାକୁଳ, ଶରତ ବେହୁରିଆ, ସଦାନନ୍ଦ ମଲିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଆରଡି, ନାନ୍ଦପୁର, ଓଳଗ ଓ ସୁନ୍ଦରପୁର ପଞ୍ଚାୟତର ଶତାଧିକ କର୍ମୀ ବିଜେଡି ଓ କଂଗ୍ରେସ ଛାଡି ଭାଜପାରେ ସାମିଲ ହୋଇଥିବା ଭାଜପା ଆଖଣ୍ଡଳମଣି ଜୋନ ମଣ୍ଡଳ ସଭାପତି କିଶୋର ନାୟକ ସୂଚନା ଦେଇଛନ୍ତି।

## ଭାଜପାରେ ବିଦ୍ରୋହର ସ୍ୱର

# ପୁନର୍ବିଚାର ନ ହେଲେ ସମୂହ ଇସ୍ତଫା

**ଭଦ୍ରକ ଅଫିସ,୨୪।୩:** ଭଦ୍ରକ ଜିଲା ବାସୁଦେବପୁର ଭାଜପାରେ ବିଦ୍ରୋହର ସ୍ୱର ଉଠିଛି। ପ୍ରାର୍ଥୀଙ୍କ ନାମ ଘୋଷଣା ପରେ ଦଳର ମୂଳ ସଂଗଠକଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ କରି ଏହାର ପ୍ରତିବାଦରେ ସ୍ଥାନୀୟ ନେତା ଓ କର୍ମୀମାନେ ସମୂହ ଇସ୍ତଫା ଧମକ ଦେଇଛନ୍ତି। ବାସୁଦେବପୁର ବିଧାନ ସଭା ଆସନ ସକାଶେ ଦଳ ପକ୍ଷରୁ ଗତ କିଛି ମାସ ପୂର୍ବେ କଂଗ୍ରେସ ଛାଡି ଭାଜପାରେ ମିଶିଥିବା ମାଧବାନନ୍ଦ ମଲିକଙ୍କୁ ପ୍ରାର୍ଥୀ କରାଯାଇଛି। ଗତ ୨୧ ତାରିଖରେ ଏହି ଘୋଷଣା ହେବା ପରେ ଉକ୍ତ ଆସନ ଲାଗି ଆଶାୟୀ ଥିବା ପ୍ରାର୍ଥୀ ଦୀନବନ୍ଧୁ ପତିଙ୍କ ସମର୍ଥକମାନେ ଜିଲା ଭାଜପା କାର୍ଯ୍ୟାଳୟ ସମ୍ମୁଖରେ ହୋ ହାଲ୍ଲା କରିବା ସହ ପ୍ରତିବାଦ ଜଣାଇଛନ୍ତି। ମଣ୍ଡଳ ସଭାପତି ପ୍ରଦୀପ କୁମାର ମହାନ୍ତି, ସନ୍ତୋଷ ମହାରଣା, ମନୋଜ କୁମାର ରାଉତ, ତୁଷାରକାନ୍ତ ରଥ, ସଞ୍ଜୟ କୁମାର ପାତ୍ର, ମୁକ୍ତିକାନ୍ତ ନାୟକ, ଉପେନ୍ଦ୍ର ଦଳେଇ, ବିଶ୍ୱଜିତ ବେହେରାଙ୍କ ନେତୃତ୍ୱରେ ଶତାଧିକ କାର୍ଯ୍ୟକର୍ତ୍ତା ଓ ନେତୃବୃନ୍ଦ ଶୋଭାଯାତ୍ରାରେ ଆସି ଜିଲା କାର୍ଯ୍ୟାଳୟରେ ପହଞ୍ଚି ଏନେଇ ଦାବିପତ୍ର ପ୍ରଦାନ କରିଥିଲେ। ଜିଲା ସଭାପତିଙ୍କ ଅନୁପସ୍ଥିତିରେ କାର୍ଯ୍ୟାଳୟରେ ଉପସ୍ଥିତ ଥିବା ଜିଲା ସାଧାରଣ ସମ୍ପାଦକ ଶରତ ପଢିଆରୀ ସେମାନଙ୍କ ଠାରୁ ଦାବିପତ୍ର ଗ୍ରହଣ କରିଥିଲେ। ଦଳ ପକ୍ଷରୁ ନିଷ୍ପତ୍ତିର ପୁର୍ନବିଚାର କରା ନଗଲେ ସେମାନେ ଇସ୍ତଫା ଦେବାକୁ ବାଧ ହେବେ ବୋଲି କଡା ଚେତାବନୀ ଦେଇଛନ୍ତି।

## ଚମ୍ପୁଆ ଆସନ ଉପରେ ସମସ୍ତଙ୍କ ନଜର

# ପ୍ରାର୍ଥୀ ଘୋଷଣା ବିଳମ୍ବ ନେଇ ଉତ୍କଣ୍ଠା

**କେନ୍ଦୁଝର, ୨୪।୩ (ସ୍ୱ.ପ୍ର.)**



କେନ୍ଦୁଝର ଜିଲାର ବିତ୍ତଶାଳୀ ଇଲାକା ଭାବେ ଚମ୍ପୁଆ ବିଧାନସଭା ନିର୍ବାଚନ ମଣ୍ଡଳୀ ପରିଗଣିତ ହୋଇଆସୁଛି। ନିର୍ବାଚନବେଳେ ଖଣିଖାଦାନ ଓ ଶିଳ୍ପ ସମୃଦ୍ଧ ଏହି ନିର୍ବାଚନ ମଣ୍ଡଳୀ ହାତେଇବାକୁ ସବୁ ଦଳ ଉଦ୍ୟମ କରିଥାନ୍ତି। ଅଦ୍ୟାବଧି ନିର୍ବାଚନ ମଣ୍ଡଳୀ ସକାଶେ ଏକମାତ୍ର କଂଗ୍ରେସ ପ୍ରାର୍ଥୀ ଘୋଷଣା କରିଛି। ଅନ୍ୟ ଦୁଇ ପ୍ରମୁଖ ଦଳ ଭାଜପା ଓ ବିଜେଡି କାହାକୁ ପ୍ରାର୍ଥୀ ଦେବେ ଘୋଷଣା କରି ନାହାନ୍ତି। ଏନେଇ ନାନା ଚର୍ଚ୍ଚା ଜୋର ଧରିଛି। କ୍ରମାଗତ ଦୁଇଟି ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଚମ୍ପୁଆ ନିର୍ବାଚନ ମଣ୍ଡଳୀରୁ ବିଧାନସଭାକୁ ନିର୍ବାଚିତ ହୋଇଆସିଛନ୍ତି। ୨୦୧୪ ନିର୍ବାଚନ ଲଢ଼ି ବିଜୟ ହାସଲ କରିଥିବା ସ୍ୱାଧୀନ ବିଧାୟକ ସନାତନ ମହାକୁଡ ଏଥର ପ୍ରାର୍ଥୀ ହେବେ କି ନାହିଁ ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ। କେନ୍ଦୁଝର ଜିଲାରେ ୬ଟି ବିଧାନସଭା ଆସନ ରହିଛି। ତନ୍ମଧ୍ୟରୁ ଭାଜପା ୫ଟି ଆସନରୁ ପ୍ରାର୍ଥୀ ଘୋଷଣା କରିଥିବାବେଳେ ଏକମାତ୍ର ଚମ୍ପୁଆ ଆସନକୁ ଝୁଲାଇ ରଖିଛି। କଂଗ୍ରେସ ଜିଲାର ଚମ୍ପୁଆ ସମେତ ୩ଟି ବିଧାନସଭା ଆସନ ସକାଶେ ପ୍ରଥମ ପର୍ଯ୍ୟାୟରେ ପ୍ରାର୍ଥୀ ଦେଇଛି। ଚମ୍ପୁଆ ଆସନ ଲାଗି ଯଦୁମଣୀ ବାରିକଙ୍କୁ ମିଳିଛି କଂଗ୍ରେସ ଟିକେଟ। ଏହି ଆସନ ପାଇଁ ଭାଜପାରୁ ମୁରଲୀ ମନୋହର ଶର୍ମା, ମିତ୍ରଭାନୁ ମହାକୁଡ଼, ଶ୍ରୀମନ୍ତ ତ୍ରିପାଠୀ, ଅଗନୁ ଚରଣ ମହାନ୍ତ ପ୍ରମୁଖ ଟିକେଟ ଆଶାୟୀ ରହିଥିବା ଚର୍ଚ୍ଚା ହେଉଛି। ପୂର୍ବରୁ ଦଳରୁ ନିଲମ୍ବିତ ହୋଇ ବିଜେଡିକୁ ଫେରିଥିବା କୁଶ ଆପଟ୍ଟ ଦଳୀୟ ଟିକେଟ ପାଇବା ପାଇଁ ଆଶାୟୀ ଥିବାବେଳେ ସ୍ୱାଧୀନ ବିଧାୟକ ସନାତନ ମହାକୁଡ ମଧ୍ୟ ଟିକେଟ ପ୍ରତ୍ୟାଶୀ ଥିବା ସେମାନଙ୍କ ସମର୍ଥକ ମାନେ କହୁଛନ୍ତି। କଂଗ୍ରେସର ଜଣେ ଆଶାୟୀ ପ୍ରାର୍ଥୀ ଟିକେଟ ପାଇବାରୁ ବଞ୍ଚିତ ହେବାରୁ ସେ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିପାରନ୍ତି ବୋଲି କୁହାଯାଉଛି। ଭାଜପା ଓ ବିଜେଡି ଏହି ଆସନରୁ କାହାକୁ ପ୍ରାର୍ଥୀ କରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି। ଟିକେଟ ଘୋଷଣା ବିଳମ୍ବ ହେବା ସମ୍ପର୍କରେ ଜିଲା ଯୁବ ବିଜେଡି ସମ୍ପାଦକ ସୁଶାନ୍ତ କୁମାର ବାରିକଙ୍କୁ ପଚାରିବାରୁ କହିଥିଲେ, ଦଳ ପକ୍ଷରୁ ପର୍ଯ୍ୟାୟକ୍ରମେ ପ୍ରାର୍ଥୀ ଘୋଷଣା କରାଯାଉଛି। ଚମ୍ପୁଆ ଆସନ ପାଇଁ ଯଥା ସମୟରେ ପ୍ରାର୍ଥୀ ଦିଆଯିବ। ସେହିପରି ଭାଜପା ମଣ୍ଡଳ ସଭାପତି ସନ୍ତୋଷ କୁମାର ସାହୁ ଅନୁରୂପ ମତବ୍ୟକ୍ତ କରି କହିଛନ୍ତି ଦଳ ପକ୍ଷରୁ ଦୁଇ ଜଣ ପ୍ରାର୍ଥୀଙ୍କ ନାମ ଦିଲ୍ଲୀ ପଠାଯାଇଛି। ସେଠାରୁ ସଙ୍କେତ ମିଳିବା ପରେ ପ୍ରାର୍ଥୀ ଘୋଷଣା କରାଯିବ।

# ଭାଜପା ଛାଡ଼ିଲେ ବ୍ଲକ ଅଧକ୍ଷା, ଜିଲାପରିଷଦ ସଦସ୍ୟା

**ସଜନାଗଡ଼, ୨୪।୩(ଡି.ଏନ.ଏ.)**


ଭାଜପା ଛାଡ଼ିଥିବା ଶତାଧିକ କର୍ମୀ।

ଭାଜପା ସମର୍ଥନରେ ବ୍ଲକ ଅଧକ୍ଷା ଜାନକୀ ସିଂ, ଜିଲାପରିଷଦ ସଦସ୍ୟା ରଞ୍ଜିତା ସିଂଙ୍କ ସମେତ ୪୩ ନିର୍ବାଚିତ ସଦସ୍ୟ ଓ ୨୫୦ କର୍ମୀ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫାପତ୍ର ମାଧ୍ୟମରେ ରାଜ୍ୟ ଭାଜପା ସଭାପତିଙ୍କୁ ପ୍ରଦାନ କରିଛନ୍ତି। ସନ୍ତୋଷ ଖଟୁଆଙ୍କୁ ସମର୍ଥନ ଜଣାଇ ଜିଲା ପରିଷଦ ସଦସ୍ୟା ଇସ୍ତଫା ଦେଇଛନ୍ତି। ସୂଚନାନୁଯାୟୀ ପୂର୍ବରୁ ୫ଜଣ ମଣ୍ଡଳ ସଭାପତି ଏବଂ ବରିଷ୍ଠ ନେତା ସନ୍ତୋଷ ଖଟୁଆଙ୍କୁ ଦଳ ବିରୋଧୀ କାର୍ଯ୍ୟକ୍ରମ ପାଇଁ ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡା ନିଲମ୍ବିତ କରିଥିଲେ। ରବିବାର ସନ୍ତୋଷଙ୍କ ସମେତ ଅନ୍ୟ ଶତାଧିକ କର୍ମୀ ଦଳରୁ ବିଧିବଦ୍ଧ ଭାବେ ଇସ୍ତଫା ଦେଇଛନ୍ତି। ଏ ସମ୍ପର୍କରେ ଏମ୍‌ପି ପାର୍ଥୀ ପ୍ରତାପ ଷଡ଼ଙ୍ଗୀ କହିଛନ୍ତି ଯେ, ନୀଳଗିରି କିମ୍ବା ଜିଲା ଭାଜପା ରାଜନୀତିରେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ।

# ପ୍ରିଜାଇଡିଂ, ପୋଲିଂ ଅଫିସରଙ୍କୁ ତାଲିମ

**ବାଲେଶ୍ୱର ଅଫିସ, ୨୪।୩**


ଦ୍ୱିତୀୟ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମରେ ଅଧିକାରୀମାନେ।

ବାଲେଶ୍ୱର ଜିଲାର ସମସ୍ତ ବ୍ଲକରେ ସାଧାରଣ ନିର୍ବାଚନରେ ନିୟୋଜିତ ହେବାକୁ ଥିବା ପ୍ରିଜାଇଡିଂ ଏବଂ ପ୍ରଥମ ପୋଲିଂ ଅଫିସରଙ୍କ ଦ୍ୱିତୀୟ ପର୍ଯ୍ୟାୟ ତାଲିମ ଶନିବାର ଆରମ୍ଭ ହୋଇଛି। ଏହା ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତି ବ୍ଲକର ୨ଟି ସ୍ଥାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଥିବାବେଳେ ପ୍ରତି ବ୍ୟାଚ୍‌ରେ ୫୦ଜଣ ଲେଖାଏ ଅଫିସରଙ୍କୁ ତାଲିମ ପ୍ରଦାନ କରାଯିବ। ମୋଟ୍ ୪୫୩୬ଜଣଙ୍କୁ ଏଥିରେ ସାମିଲ କରାଯାଇଛି। ଜିଲାସ୍ତରୀୟ ମାଷ୍ଟର ଟ୍ରେନରମାନେ ଏହି ତାଲିମ ନିମନ୍ତେ ନିୟୋଜିତ ହୋଇଛନ୍ତି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଜିଲା ନିର୍ବାଚନ କାର୍ଯ୍ୟାଳୟ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ନିର୍ବାଚନ ଖସଡ଼ା, ନିର୍ବାଚନ ପରିଚାଳନା, ଭୋଟ୍ ଗ୍ରହଣ ସମୟରେ ସତର୍କତା, ଇଭିଏମ-ଭିଭିପାଟ ମେଶିନର ଠିକ ବ୍ୟବହାର, ବିଭିନ୍ନ ପ୍ରକାର ଫର୍ମର ଉପଯୋଗିତା ଆଦି ସମ୍ପର୍କରେ ଅଧିକାରୀମାନଙ୍କୁ ତାଲିମ ଦିଆଯିବା ଲକ୍ଷ୍ୟ ରହିଛି।

ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ରମେଶ ଚନ୍ଦ୍ର ରାଉତ ଏହି ତାଲିମ କାର୍ଯ୍ୟକ୍ରମ ପ୍ରିଜାଇଡିଂ ଓ ପ୍ରଥମ ପୋଲିଂ ଅଫିସରମାନଙ୍କ ନିମନ୍ତେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି। ଜାନୁୟାରୀ ମାସରେ ଏହାର ପ୍ରଥମ ପର୍ଯ୍ୟାୟ ଟ୍ରେନିଂ ଅନୁଷ୍ଠିତ ହୋଇଥିବା ବେଳେ ଆଗକୁ ତୃତୀୟ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ସୂଚନା ମିଳିଛି। ଏହାର ତଦାରଖ ପାଇଁ ରାଜ୍ୟସ୍ତରୀୟ ପର୍ଯ୍ୟବେକ୍ଷକ ଭାବେ ମନ୍ମଥ କୁମାର ପାଣି ଏବଂ ଆଶୁତୋଷ ସାମଲ ଆସିବା ସହିତ ସମସ୍ତ କାର୍ଯ୍ୟକ୍ରମର ଅନୁଧ୍ୟାନ କରିଛନ୍ତି। ଏହି ତାଲିମ କାର୍ଯ୍ୟକ୍ରମ ମୁଖ୍ୟତଃ ସାଧାରଣ ନିର୍ବାଚନ ସଂକ୍ରାନ୍ତରେ ରହିଥିବା ବିଭିନ୍ନ ସନ୍ଦେହକୁ ଦୂର କରିପାରିବ ବୋଲି ସହକାରୀ ଜିଲାପାଳ ତଥା ଉପନିର୍ବାଚନ ଅଧିକାରୀ ମନୋଜ ସେନାପତି କହିଛନ୍ତି।

# ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ିବି : ବିଧାନ

**ବାଲେଶ୍ୱର ଅଫିସ, ୨୪।୩:** ବାଲେଶ୍ୱର ଜିଲା ରେମୁଣା ନିର୍ବାଚନମଣ୍ଡଳୀ କଂଗ୍ରେସ ଦଳର ବରିଷ୍ଠ ନେତା ତଥା ସଙ୍ଗଠକ ବିଧାନ ଚନ୍ଦ୍ର ଜେନା ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଏକ ପ୍ରେସ୍ ବିବୃତିରେ ସେ ଗଣମାଧ୍ୟମକୁ ଏହି ସୂଚନା ଦେବା ସହ ବିଧାନସଭା ନିର୍ବାଚନରେ ସ୍ୱାଧୀନ ଭାବେ ସେ ଲଢିବେ ବୋଲି କହିଥିଲେ। ବିଧାନ କହିଥିଲେ, କେନ୍ଦ୍ର ସରକାରୀ ଚାକିରିରୁ ଅବ୍ୟାହତି ନେଇ ୨୦୦୯ ମସିହାରୁ କଂଗ୍ରେସ ଦଳରେ ଆଜି ଯାଏ ଜଣେ ଶୃଙ୍ଖଳିତ କର୍ମୀ ଭାବେ କାର୍ଯ୍ୟ କରି ଆସୁଥିଲେ। ୨୦୦୯ ଓ ୨୦୧୪ ସାଧାରଣ ନିର୍ବାଚନ ୨୦୧୨ ଏବଂ ୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସେ ଦଳ ପାଇଁ ସାଙ୍ଗଠନିକ କାର୍ଯ୍ୟ କରିଥିଲେ। ଏଥିସହ ୨୦୧୯ ପୂର୍ବରୁ ପିସିସି କୃଷକ ସେଲ୍‌ର ରାଜ୍ୟ ସାଧାରଣ ସମ୍ପାଦକ, ପିସିସି ଅନୁସୂଚିତ ଜାତି ବିଭାଗର ରାଜ୍ୟ ଆବାହକ ରହିବା ସହିତ ମୟୂରଭଞ୍ଜ ଜିଲାର କୃଷକ ସେଲ ଓ ଅନୁସୂଚିତ ଜାତି ବିଭାଗର ଅତିରିକ୍ତ ସାଙ୍ଗଠନିକ ଦାୟିତ୍ୱ ତୁଲାଇଥିଲେ। ସେହିପରି ବାଲେଶ୍ୱର ଜିଲା କଂଗ୍ରେସ କମିଟି ମିଡିଆ ସେଲର ସଂଯୋଜକ ଭାବେ କାର୍ଯ୍ୟ କରିଥିଲେ। କୌଣସି କାରଣ ନ ଥାଇ ଗତ ୩ ମାସ ଧରି ତାଙ୍କୁ ଦଳୀୟ କୌଣସି କାର୍ଯ୍ୟକ୍ରମକୁ ଡକା ନ ଯାଇ ଏକପ୍ରକାର ରାଜନୈତିକ ବାସନ୍ଦ କରାଯାଇଥିଲା ବୋଲି ସେ ଅଭିଯୋଗ କରିଥିଲେ।



ରାଜ୍ୟ କଂଗ୍ରେସ କମିଟି, କୃଷକ ସେଲ, ଅନୁସୂଚିତ ଜାତି ବିଭାଗ ଓ ଜିଲା କଂଗ୍ରେସ କମିଟିର ସଭାପତିଙ୍କୁ ସେ ତାଙ୍କ ଅସନ୍ତୋଷ ଅବଗତ କରାଇଛନ୍ତି। ଏଥର ରେମୁଣା ନିର୍ବାଚନମଣ୍ଡଳୀର ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଭାବେ ସେ ନାମାଙ୍କନ ପତ୍ର ଦାଖଲ କରିବେ କହିଥିଲେ।

## ସଂକ୍ଷେପରେ

### ଜଗନ୍ନାଥ ମ୍ୟୁନିସିପାଲିଟି ୧୨ନଂ.ୱାର୍ଡ ସଭାପତି

**ବାଲେଶ୍ୱର ଅଫିସ, ୨୪।୩:** ବାଲେଶ୍ୱର ଟାଉନ ବିଜୁ ଜନତା ଦଳ ପକ୍ଷରୁ ବାଲେଶ୍ୱର ମ୍ୟୁନିସିପାଲିଟି ୧୨ ନଂ ୱାର୍ଡର ସଭାପତିଙ୍କ ନାମ ଘୋଷଣା କରାଯାଇଛି। ବିଜୁ ଜନତା ଦଳର ଜିଲା ସଭାପତି ତଥା ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନାଙ୍କ ଅନୁମୋଦନକ୍ରମେ ଟାଉନ ସଭାପତି ସ୍ୱରୂପ କୁମାର ଦାସ ୱାର୍ଡ ସଭାପତି ଭାବେ ଜଗନ୍ନାଥ ମହାରଣାଙ୍କ ନାମ ଘୋଷଣା କରିଥିଲେ। ମହାରଣା ଗତବର୍ଷ ବିଜୁ ଜନତା ଦଳରେ ଆନୁଷ୍ଠାନିକ ଭାବେ ଯୋଗଦେଇଥିଲେ। ୧୨ନମ୍ବର ୱାର୍ଡରେ ତୃଣମୂଳ ସ୍ତରରେ କିପରି ବିଜୁ ଜନତା ଦଳକୁ ମଜଭୁତ କରାଯାଇପାରିବ ସେ ଦିଗରେ ଯତ୍ନବାନ ହୋଇଥିଲେ। ଏହି ପଦବୀ ପାଇବା ପରେ ମହାରଣା ଜିଲା ସଭାପତି ଇଂ. ଜେନା, ଏମ୍‌ପି ପ୍ରତିନିଧି ମନୋଜ କୁମାର ରାଉତ, ଟାଉନ ବିଜେଡି ସଭାପତି ଦାସଙ୍କୁ ଧନ୍ୟବାଦ ଦେଇଛନ୍ତି।

### ସାରସ୍ୱତ ବନ୍ଧୁମିଳନ

**ନୀଳଗିରି, ୨୪।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଚଣ୍ଡିପୁର ଗାଁର ବରିଷ୍ଠ ସାରସ୍ୱତ ସାହିତ୍ୟ ସାଧକ ଦୟାନିଧି ଦାଶଙ୍କ ୮୨ତମ ଜନ୍ମଦିନ ପାଳନ ଅବସରରେ ସାରସ୍ୱତ ବନ୍ଧୁ ମିଳନ ଉତ୍ସବ ରବିବାର ଭାଗବତ ପାଣିଗ୍ରାହୀଙ୍କ ସଭାପତିତ୍ୱରେ କବିଙ୍କ ନିବାସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ନୀଳପ୍ରଭା, ସ୍ୱର୍ଣ୍ଣଚୂଡ଼, ଫକୀରମୋହନ ସାହିତ୍ୟ ପରିଷଦ, ରେମୁଣା ସାହିତ୍ୟ ସଂସଦ ଓ ସାରସ୍ୱତ ସାଧନା ସମନ୍ୱୟ ସମିତି ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। ପୂର୍ବାହ୍ନରେ ନାଟ୍ୟକାର ପ୍ରଦୀପ ମିଶ୍ର ଦୀପ ପ୍ରଜ୍ୱଳନ ଓ ଭାଗବତ ପ୍ରସାଦ ଦାସ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବେ ଫକୀରମୋହନ ମେଡ଼ିକାଲ କଲେଜ ଅଧକ୍ଷ ପ୍ରଫେସର ଡା. ପ୍ରତାପ କୁମାର ରଥ ଯୋଗଦେଇ କବିଙ୍କ ଦ୍ୱାରା ରଚିତ ଚତୁର୍ଦ୍ଦଶତମ ଆଧାତ୍ମିକ ପ୍ରବନ୍ଧ ମନ ଓ ଧାନ ପୁସ୍ତକକୁ ଶୁଭ ଉନ୍ମୋଚନ କରିଥିଲେ। ମୁଖ୍ୟବକ୍ତା ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି କୁମରବର ଦାସ ଯୋଗଦେଇ ସରସ୍ୱତ ସାଧକ ଦାଶଙ୍କ ସାହିତ୍ୟ ସାଧନା ସମ୍ପର୍କରେ ଆଲୋକପାତ କରିବା ସହ କବିଙ୍କ ଉତ୍ତରୋତ୍ତର କାମନା କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଡ. ବିପିନ ବିହାରୀ ବିଶ୍ୱାଳ, ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ପ୍ରକାଶକ ଡ. ବଂଶୀଧର ଚୌଧୁରୀ, ନିରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ସାରସ୍ୱତ ସାଧକଙ୍କ ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଅପରାହ୍ନରେ ଗଙ୍ଗାଧର ଦାସଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ କବୟିତ୍ରୀ କବି ସ୍ୱରଚିତ କବିତାପାଠ କରିଥିଲେ। ମୁଖ୍ୟଅତିଥି ଭାବେ ପିତାମ୍ବର ପ୍ରଧାନ ଉପସ୍ଥିତ ଥିବା ବେଳେ ପଦ୍ମଲୋଚନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### କୁଳିଦାରେ ୧୦୮ କଳସ ଯାତ୍ରା



**ଭୋଗରାଇ,୨୪।୩(ଡି.ଏନ.ଏ.):** ଭୋଗରାଇ ବ୍ଲକ କୁଳିଦା ଗ୍ରାମରେ ଦୋଳୋତ୍ସବ, ମନସାମାତାଙ୍କ ପୂଜାର୍ଚ୍ଚନା, ୧୦୮ କଳସ ଯାତ୍ରା, ଶ୍ରୀଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ୨୪ ପ୍ରହର ବ୍ୟାପୀ ନାମଯଜ୍ଞ ଓ ଅନ୍ନ ମହୋତ୍ସବ ଶୁଭାରମ୍ଭ ହୋଇଛି। ଏଥିନିମନ୍ତେ କୁଳିଦା ଗ୍ରାମ ସହିତ ଆଖପାଖ ଗ୍ରାମରେ ଧର୍ମୀୟ ଉତ୍ସାହ ଓ ଉଦ୍ଦୀପନା ଦେଖାଦେଇଛି। କୁଳିଦା ହରି ସମାଜ କମିଟି ପକ୍ଷରୁ ୪ଦିନ ବ୍ୟାପୀ ନାମ ସଙ୍କୀର୍ତ୍ତନ, ମେଳି ଉତ୍ସବ ଆୟୋଜନ କରାଯାଇଛି। ରବିବାର ଅପରାହ୍ନରେ ୩ଶହରୁ ଉର୍ଦ୍ଧ୍ୱ ମହିଳା ୧୦୮ କଳସ ଶୋଭାଯାତ୍ରାରେ କୁଳିଦା ନୋଡ଼ାଲ ଉପ୍ରା ବିଦ୍ୟାଳୟରୁ ବାହାରି ହରିନାମ ସଙ୍କୀର୍ତ୍ତନ ଗାନ କରି ସାହାନାୟୀ ବାଦ୍ୟ ତାଳେ-ତାଳେ ୨କି.ମି. ଉଆବନ୍ଧ କୋଷ୍ଟ କେନାଲରୁ ଘଟ ଉତ୍ତୋଳନ କରି ଗ୍ରାମ ପରିକ୍ରମା କରିଥିଲେ। ଏହି ସୁସଜ୍ଜିତ ଶୋଭାଯାତ୍ରାରେ ଅସଂଖ୍ୟ ଶ୍ରଦ୍ଧାଳୁ ସାମିଲ ହୋଇ ଶ୍ରୀ ଚୈତନ୍ୟଦେବଙ୍କ ପୂଜାମଣ୍ଡପକୁ ଯାଇ ଘଟ ସ୍ଥାପନ କରିଥିଲେ। ପୂଜା ମଣ୍ଡପ ପରିସର ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ସନ୍ଧ୍ୟାରେ ମେଳି ଦେଖିବା ପାଇଁ ପ୍ରବଳ ଭିଡ଼ ଲାଗି ରହିଥିଲା। ୪ଦିନ ଧରି ଏଠାରେ ସ୍ଥାନୀୟ ମେଳା ବସିଛି ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଛି।

# 'ବେଆଇନ ବାଲି ଉତ୍ତୋଳନ ରୋକ'

- ତହସିଲଦାରଙ୍କୁ ଅତିରିକ୍ତ ଜିଲାପାଳଙ୍କ ନିର୍ଦ୍ଦେଶ
- ଛୁଟି ଦିନରେ ଅଧିକାରୀଙ୍କ ଚଢ଼ାଉ

**ଜଳେଶ୍ୱର, ୨୪।୩(ଡି.ଏନ.ଏ.)**

ବାରମ୍ବାର ତାଗିଦ୍ ସତ୍ତ୍ୱେ ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳର ବିଭିନ୍ନ ବାଲି ସୌରାତ୍‌ରେ ବେଆଇନ ଭାବେ ଉତ୍ତୋଳନ କରାଯାଇ ପଶ୍ଚିମବଙ୍ଗ ଚାଲାଣ କରାଯାଉଛି। ଏ ସମ୍ପର୍କରେ ସ୍ଥାନୀୟ ବାସିନ୍ଦା ପ୍ରଶାସନଠାରେ ଅଭିଯୋଗ କରିବା ପରେ ଅଧିକାରୀମାନେ ତତ୍ପରତା ପ୍ରକାଶ କରିଛନ୍ତି। ରବିବାର ଛୁଟି ଦିନ ଥିଲେ ମଧ୍ୟ ବାଲେଶ୍ୱରର ଅତିରିକ୍ତ ଜିଲାପାଳ(ଏଡିଏମ୍) ସମ୍ବିତ କୁମାର ନାୟକ ଜଳେଶ୍ୱର ତହସିଲ ଅଧୀନ ସେକସରାଇ(ଖ), ମହମ୍ମଦନଗରପାଟଣା(କ, ଖ, ଗ, ଘ), ଚାଲନ୍ତୀ, ଗୋବରଘଟା, ପଞ୍ଚୁଘଣ୍ଟା, ଦକ୍ଷିଣପ୍ରହରାଜପୁର, କୁଅଁରପୁର, ମାକିଡ଼ିଆ, ତୋଟାପୋଢ଼ା, ବିଳାସପୁର ଆଦି ସୌରାତଗୁଡ଼ିକୁ ପରିଦର୍ଶନ କରିଛନ୍ତି।



ଅତିରିକ୍ତ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ ବାଲି ସୈରାତ ପରିଦର୍ଶନ କରୁଛନ୍ତି।

ବେଆଇନ ବାଲି ଉତ୍ତୋଳନ ରୋକିବା ସହ ପଶ୍ଚିମବଙ୍ଗକୁ ଚୋରା ଚାଲାଣ ରୋକିବା ଲାଗି ସ୍ଥାନୀୟ ତହସିଲଦାର ଅଭିମନ୍ୟୁ ପଣ୍ଡାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ରାଜସ୍ୱ ବୃଦ୍ଧି ଉପରେ ଅଧିକ ଗୁରୁତ୍ୱ ଦେବା ପାଇଁ ସେ ତହସିଲଦାରଙ୍କୁ କହିଛନ୍ତି। ବିଶେଷ କରି ଏନ୍‌ଜିଟି କୋର୍ଟର ନିର୍ଦ୍ଦେଶକ୍ରମେ ପରିବେଶ ଆଇନ୍‌କୁ ଉଲ୍ଲଂଘନ କରି ବେଆଇନ ବାଲି ଉତ୍ତୋଳନ ଉପରେ ନଜର ରଖିବା ପାଇଁ ଏଡିଏମ୍ ତହସିଲଦାରଙ୍କ ସମେତ ଅନ୍ୟ କର୍ମଚାରୀମାନଙ୍କୁ ତାଗିଦ୍ କରିଥିଲେ। ତେବେ ଏଡ଼ିଏମ୍‌ଙ୍କ ଅଚାନକ ଗସ୍ତକୁ ନେଇ ବାଲିମାଫିଆଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

ଉଲ୍ଲେଖଯୋଗ୍ୟ ଯେ, ପରିବେଶ ଆଇନକୁ ଉଲଂଘନ କରି ବାଲି ଉତ୍ତୋଳନ କରାଯାଉଥିବା ଅଭିଯୋଗ ନେଇ ନିକଟରେ ଏନ୍‌ଜିଟି କୋର୍ଟ ସେକସରାଇ(ଖ) ବାଲିଖାଦାନକୁ ବନ୍ଦ କରିବା ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଏବେ ଜିଲା ପ୍ରଶାସନ ବେଆଇନ ବାଲି ଉତ୍ତୋଳନକୁ ବନ୍ଦ କରିବା ପାଇଁ ତତ୍ପରତା ଦେଖାଇଛି।



ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମରେ ଅତିଥି ଓ ମହିଳା।

## ମହିଳାଙ୍କୁ ସ୍ୱାସ୍ଥ୍ୟ ସଚେତନତା

**ରେମୁଣା, ୨୪।୩(ଡି.ଏନ.ଏ.)**

ଭୁବନେଶ୍ୱର ଡାୟୋଶିଶ ଭିକାର ଜେନେରାଲ୍ ରେଭ୍‌ରେନ୍ ଫାଦର ସିବମଣିଙ୍କ ନେତୃତ୍ୱରେ ବିଲିଭର ଇଷ୍ଟର୍ନ ଚର୍ଚ୍ଚ କର୍ମକର୍ତ୍ତାଙ୍କ ଦ୍ୱାରା ରବିବାର ମହିଳାଙ୍କୁ ସ୍ୱାସ୍ଥ୍ୟ ସଚେତନ କରାଯାଇଥିଲା। ସିବମଣିଙ୍କ ନେତୃତ୍ୱରେ ଏକ ମହିଳା ଉଦ୍ଦୀପନା ସଭା ସ୍ଥାନୀୟ ପ୍ରସାଦସୋଲ ଆଶ୍ରମ ପ୍ରାଙ୍ଗଣରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୭୦ଜଣ ମହିଳା ଅଂଶଗ୍ରହଣ କରିଥିଲେ। ମହିଳାମାନଙ୍କୁ ତାଙ୍କର ସ୍ୱାସ୍ଥ୍ୟ, ସେମାନଙ୍କ ପିଲାମାନଙ୍କ ସ୍ୱାସ୍ଥ୍ୟର କିପରି ଯତ୍ନ ନେବେ ଓ ପରିବେଶକୁ କିପରି ପରିଷ୍କାର ପରିଚ୍ଛନ୍ନ କରିବେ ସେଥିପ୍ରତି ଧ୍ୟାନ ଦେବାକୁ ସଚେତନ କରାଯାଇଥିଲା। ତତ୍‌ସହିତ ଡାୟୋଶିଶ୍ ମହିଳା ସହଭାଗିତା ନେତ୍ରୀ ଯସିମା ନାୟକ, ଜିଲା ସଭାନେତ୍ରୀ ଫୁଲେଶ୍ୱରୀ କାଣ୍ଡୁଲାନ ଓ ସିଷ୍ଟର୍ସ ଅଫ୍ କ୍ୟାମ୍ପସ୍‌ର ଭଉଣୀମାନେ ଏବଂ ଜଗତ୍‌ପୁର ଚର୍ଚ୍ଚା ଚେୟାରମ୍ୟାନ୍ ବିକଳ ଫାଦର, ମନୋଜ କୁମାର ନାୟକ ମଣ୍ଡଳୀ ମିଶନାରୀ ମୁନ୍ନା ମୁଠା ମାଝି, ଯୌଶ୍ୱା ମୁଣ୍ଡା ଓ ଆଶିଙ୍ଗା ପ୍ରଧାନଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।



ମେଳଣରେ ସମ୍ବର୍ଦ୍ଧିତ ପ୍ରତିଭାଙ୍କ ସହ ଅତିଥି।

## ଫତେପୁର ମେଳଣରେ 'ପ୍ରତିଭା ସମ୍ମାନ'

**ବାହାନଗା,୨୪।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଫତେପୁର ଗ୍ରାମରେ ୨ ଦିନ ଧରି ମେଳଣ ଅନୁଷ୍ଠିତ ହେବା ସହ ବିଭିନ୍ନ ଗ୍ରାମର କଳାକାରଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶୁକ୍ରବାର ଗ୍ରାମରେ ରାଧାକୃଷ୍ଣ ମେଳଣ ହେବା ସହ ଶନିବାର ଉଦ୍‌ଯାପନୀ ରାତିରେ ବିଭିନ୍ନ ଗ୍ରାମର ୫ କଳାକାରଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବକୁ ଆପିତିରା, ଯାଗେଶ୍ୱରପଦା, ମାଗୁରା, ଝଳଝଳିଆ, ନଦିଗିରା, ଓଡ଼ଶାଳ, ସରସ୍ୱତୀୟା, ପଣପଣା, ସାରଙ୍ଗପୁର, ଗୋପାଳପୁର, ବାଜିପୁର, ମଳଙ୍ଗ ଆଦି ଗ୍ରାମରୁ ମେଳନ ପାଇଁ ଠାକୁରଙ୍କୁ ଅଣାଯାଇଥିଲା। ଏହି ଉପଲକ୍ଷେ ଗ୍ରାମରେ ଅପେରା ମଞ୍ଚସ୍ଥ ହୋଇଥିଲା। ସେହିପରି ଦ୍ୱିତୀୟ ଦିନରେ ଗ୍ରାମରେ ଠାକୁରଙ୍କୁ ଚାଚେରୀ ଶୋଭାଯାତ୍ରା କରାଯାଇଥିଲା। ପରେ ବିଳମ୍ବିତ ରାତିରେ ଗାଁ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମଞ୍ଚ ଅଭିନେତା ଭାବେ ନବ କୁମାର ପାତ୍ର, ଦିବାକର ପାତ୍ର, ମୃଦଙ୍ଗ ବାଦକ ଭାବେ ସୁରେନ୍ଦ୍ର ଦାସ, ନୃତ୍ୟ ନିର୍ଦ୍ଦେଶକ ମୁରଲୀଧର ଜେନା, ନାଟ୍ୟ ନିର୍ଦ୍ଦେଶକ ଜୟଦେବ ଦାଶ ପ୍ରମୁଖ ୫ଜଣଙ୍କୁ ଶନିବାର ରାତିରେ ସମ୍ବର୍ଦ୍ଧନା ଉତ୍ସବରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଶିଶିର କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ରଜେନ୍ଦ୍ର କୁମାର ନାୟକ ଯୋଗଦେଇ ଏଭଳି ପୂଜ୍ୟପୂଜାର ସମ୍ମାନକୁ ପ୍ରଶଂସା କରିଥିଲେ। ସେହିପରି ଭାବିନ ପାତ୍ର, ରାଧାକୃଷ୍ଣ ପୁହାଣ, ଅମିତ ନାୟକ, କମଳାକାନ୍ତ ଗିରି, ବିନୋଦ ନାୟକ, କମଳା ନାୟକ, ଲକ୍ଷ୍ମୀଧର ବାରିକ ପ୍ରମୁଖ ଯୋଗଦେଇ ସମ୍ବର୍ଦ୍ଧିତ ପ୍ରତିଭାମାନଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସରିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ବିନୋଦ ନାୟକ, କାଶୀନାଥ ନାୟକ, ଅମିତି ନାୟକ, ଭାଗିରଥି ନାୟକ, ଲକ୍ଷ୍ମଣ ନାୟକ, ଶରତ ପାତ୍ର, ସଞ୍ଜିତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ମଧୁପୁରାରେ ବିଜେଡିର ମହିଳା ସମାବେଶ

**ବାଲିଆପାଳ,୨୪।୩(ଡି.ଏନ.ଏ.):** ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତରେ ଶୁକ୍ରବାର ବିଜେଡିର ଏକ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଖଗଡାପାଳ ଗ୍ରାମର ଡଃ ବଙ୍କିମ ଜେନାଙ୍କ ବାସଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମହିଳା ସଭାନେତ୍ରୀ ଶୁଭ୍ରାଂସିକା ଦାସ ପରିଚାଳନା କରିଥିଲେ। ଡଃ ବଙ୍କିମ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ସମସ୍ତ ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା। ଓଡ଼ିଶା ପ୍ରତି କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବକୁ ବରଦାସ୍ତ କରାଯିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ମଜଭୁତ କରିବା ପାଇଁ ମହିଳାମାନେ ଶପଥ ନେଇଥିଲେ। ଏଥିରେ ସୁଚିସ୍ମିତା ଜେନା, ନିୟତି ସାହୁ, ସରସ୍ୱତୀ ଚଣ୍ଡ, ତନୁଜା ଭୂୟାଁ, କଳ୍ପନା ମାହାଳିକ, ପଞ୍ଚାୟତର ବିଜୁ ମହିଳା ଜନତା ସମ୍ପାଦିକା ରାଜସ୍ମିତା ପ୍ରଧାନ ଯୋଗ ଦେଇଥିଲେ। ପଞ୍ଚାୟତର ପୂର୍ବତନ ବିଜେଡି ସଭାପତି ଅଜୟ କୁମାର ଦାସ, ଉମେଶ ମାହାଳିକ ଓ ଇନ୍ଦ୍ରଜିତ ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ।



ଉଦ୍‌ଘାଟନୀ ସଭାରେ ମଞ୍ଚାସୀନ ଅତିଥି।

- ସମ୍ପୈଇ ଦୋଳ ମହୋତ୍ସବ ଆରମ୍ଭ

## ନୃତ୍ୟ ଗୀତରେ ଝୁମିଲେ ଦର୍ଶକ

**ଖଇରା, ୨୪।୩(ଡି.ଏନ.ଏ.)**

ଖଇରା ବ୍ଲକ ଜଳଦା ପଞ୍ଚାୟତ ଅଧୀନ ସମ୍ପୈଇ ଦୋଳ ମେଳନ ପଡ଼ିଆରେ ୪ର୍ଥ ବାର୍ଷିକ ସାର୍ବଜନୀନ ଦୋଳ ମହୋତ୍ସବ ସମ୍ଭାବନା ୨୦୧୯ ନୃତ୍ୟଗୀତର ତାଳେ ତାଳେ ଶନିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ଇଂ. ରାଜେଶ ମହାକୁଡ଼ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଗଣ୍ଡିବେଡ଼ ବଣିକ ସଂଘର ସଭାପତି ଅଭିମନ୍ୟୁ ରାଉଳ, ଖବରଦାତା ଅଶୋକ କୁମାର ପ୍ରଧାନ, ଚଳଚ୍ଚିତ୍ର ନିର୍ଦ୍ଦେଶକ ରାଜନାରାୟଣ ପଣ୍ଡା ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ମହୋତ୍ସବ ମାଧ୍ୟମରେ ସମ୍ପର୍କକୁ ସୁଦୃଢ଼ କରାଯାଇଥାଏ ବୋଲି ପ୍ରକାଶ କରିଥିଲେ। ସମ୍ପାଦକ ମନୋରଞ୍ଜନ ଜେନା ବିବରଣୀ ପାଠ, ସହସମ୍ପାଦକ ରବୀନ୍ଦ୍ର ମହାନ୍ତି ଅତିଥି ପରିଚୟ, ଉପସଭାପତି ପ୍ରଦୀପ୍ତ ମହାନା ଧନ୍ୟବାଦ ଅର୍ପଣ କରିଥିଲେ। ଚଳଚ୍ଚିତ୍ର ଜଗତର ବିଶିଷ୍ଟ ନାୟିକା ଐଶର୍ଯ୍ୟା ବେହେରା, ଅଭିନେତ୍ରୀ ପୂର୍ଣ୍ଣିମା ଦାସଗୁପ୍ତାଙ୍କର ସଂଳାପ ନୃତ୍ୟ ଓ ଗୀତ ଦର୍ଶକଙ୍କୁ ବିମୋହିତ କରିଥିଲା। ଏହି ଅବସରରେ ଦୟାନିଧି ଜେନା ଓ ହରପ୍ରିୟା ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

- ଚୋରା ମଦ କାରବାର ରୋକିଲେ ଗ୍ରାମବାସୀ

## କୌଶଳକ୍ରମେ ଖସିଗଲେ ବେପାରୀ

**ବାଲିଆପାଳ, ୨୪।୩(ଡି.ଏନ.ଏ.)**

ବାଲିଆପାଳ ଥାନା ଅର୍ନ୍ତଗତ ଜାମଳା ଗ୍ରାମର ଜଣେ ମହିଳା ଦୀର୍ଘ ଦିନ ଧରି ନିଜ ଘରେ ଚୋରା ଦେଶୀମଦ ବେପାର କରିଆସୁଥିଲେ। ଏହାକୁ ନେଇ ଗ୍ରାମରେ ଅନେକ ସମୟରେ ଅଶାନ୍ତ ପରିବେଶ ସୃଷ୍ଟି ହେଉଥିଲା। ଏହି ମହିଳା ବହୁ ବାର ଗିରଫ ହୋଇ ଜେଲ ମଧ୍ୟ ଯାଇଛନ୍ତି। ଜେଲରୁ ଫେରିବା ପରେ ପୁଣି ସେ ତାଙ୍କର କାରବାର ପୂର୍ବ ଭଳି ଚଳାଇ ଆସୁଛନ୍ତି। ଏଥିରେ ଅତିଷ୍ଠ ହୋଇ ରବିବାର ଗ୍ରାମର ଶତାଧିକ ମହିଳା ଓ ପୁରୁଷ ତାଙ୍କ ଘରକୁ ଘେରାଉ କରିଥିଲେ। ଉକ୍ତ ମହିଳା ମଦ ପେଟି ଏବଂ ଖାଲି ବୋତଲଗୁଡ଼ିକ ଏଣେତେଣେ ଫୋପାଡି କୌଶଳକ୍ରମେ ଖସି ପଳାଇଥିଲେ। ଗ୍ରାମବାସୀ ୨ ପେଟି ମଦ ବୋତଲ ଏବଂ ୫୦୦ରୁ ଉର୍ଦ୍ଧ୍ୱ ଖାଲି ମଦ ବୋତଲ ନିକଟସ୍ଥ ଗଡିଆ ପାଖରୁ ଖୋଜି ବାହାର କରିଥିଲେ। ବାଲିଆପାଳ ପୋଲିସ ପହଞ୍ଚି ସେଗୁଡ଼ିକୁ ଜବତ କରିଥିଲା। ଗାଁ ଭିତରେ ଏଭଳି ଅବାଧ ମଦ ବିକ୍ରି ଚାଲିଥିଲେ ମଧ୍ୟ ଅବକାରୀ ବିଭାଗ ଜାଣିଶୁଣି କୌଣସି ପଦକ୍ଷେପ ନେଉ ନ ଥିଲା। ଆଗାମୀ ଦିନରେ ଏହି କାରବାର ବନ୍ଦ ପାଇଁ ପଦକ୍ଷେପ ନିଆ ନ ଗଲେ ଗ୍ରାମବାସୀ ଆଇନକୁ ହାତକୁ ନେବେ ବୋଲି ଚେତାବନୀ ଦେଇଛନ୍ତି।

## ପତିରାଜପୁରରେ ମେଗା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ଖଇରା, ୨୪।୩(ଡି.ଏନ.ଏ.)**

ଖଇରା ବ୍ଲକ ଅଧୀନ ପତିରାଜପୁର ଦୋଳ ମେଳନ ପଡ଼ିଆରେ ଶନି ଓ ରବିବାର ୨ଦିନ ଧରି ବିଶାଳ ମେଗା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଡୁଙ୍ଗୁରାର ଆରୋଗ୍ୟ ଇଲେକ୍ଟ୍ରୋ ହୋମିଓ କ୍ଲିନିକ, ରାଜ୍ୟ ଇଲେକ୍ଟ୍ରୋ ହୋମିଓ ଚିକିତ୍ସକ ସଂଘ ଏବଂ ଇଲେକ୍ଟ୍ରୋପାଥିକ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ପରିଷଦର ମିଳିତ ସହଯୋଗରେ ଆୟୋଜିତ ଶିବିରକୁ ପତିରାଜପୁର ମେଳା କମିଟିର ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ରାଉତ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସରେ ଓଡ଼ିଶାର ସୁନାମଧନ୍ୟ ଚିକିତ୍ସକ ଡା. କମଳାକାନ୍ତ ନାୟକ, ଡା. ଅଭୟ କୁମାର ପତି, ଡା. ପର୍ଶୁରାମ ଖଟୁଆ, ଡା. ମନୋଜ ମହଲା, ଡା. ପ୍ରିୟରଞ୍ଜନ ରାଉତ ପୁରାତନ ଓ ନୂତନ ରୋଗର ନିଦାନ ଓ ଚିକିତ୍ସା କରାଇଥିଲେ।



ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ଏଥିରେ ରୋଗୀମାନଙ୍କୁ ମାଗଣା ଔଷଧ ମଧ୍ୟ ପ୍ରଦାନ କରାଯାଇଥିଲା।

ସେହିଭଳି ଦ୍ୱିତୀୟ ଦିବସରେ ବରିଷ୍ଠ ଚିକିତ୍ସକ ଡା. ସରୋଜ କୁମାର ସାହୁ, ଡା. ମନୋରଞ୍ଜନ ଦାସ, ଡା. ପାର୍ଥସାରଥୀ ସାମଲ ପ୍ରମୁଖ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଔଷଧ ବଣ୍ଟନ କରିଥିଲେ। ଜମ୍ବେଶ୍ୱର ମହାବିଦ୍ୟାଳୟ ଏନସିସି କ୍ୟାଡେଟମାନେ ଯୋଗଦେଇ ଚିକିତ୍ସା ସେବାକୁ ଶୃଙ୍ଖଳିତ ଓ ସଫଳ କରିଥିଲେ। ଖଇରା ବ୍ଲକର ବିଭିନ୍ନ ପଞ୍ଚାୟତରୁ ପାଖାପାଖି ୧ହଜାର ରୋଗୀଙ୍କ ଚିକିତ୍ସା କରାଯିବା ସହ ସ୍ୱାସ୍ଥ୍ୟ ସମ୍ପର୍କିତ ଆବଶ୍ୟକ ପରାମର୍ଶ ଦିଆଯାଇଥିଲା। ସ୍ଥାନୀୟ ଚିକିତ୍ସକ ଡା. ଉପେନ୍ଦ୍ର ଖଟୁଆ ସମସ୍ତ କାର୍ଯ୍ୟର ସଂଯୋଜନା କରିଥିଲେ।

## ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ

**ବାଲେଶ୍ୱର ଅଫିସ, ୨୪।୩**

ବାଲେଶ୍ୱର ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଂଘର ୪ର୍ଥ ବାର୍ଷିକ ସମ୍ମିଳନୀ ସ୍ଥାନୀୟ ଷ୍ଟେଶନଛକସ୍ଥିତ ଏକ ଘରୋଇ ହୋଟେଲ ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ରାଜେନ୍ଦ୍ର ନାଥ ରାଉତଙ୍କ ଅଧ୍ୟକ୍ଷତାରେ ସଭା ପରିଚାଳିତ ହୋଇଥିଲା। ପ୍ରାରମ୍ଭରେ ସଂଘର ସାଙ୍ଗଠନିକ ସମ୍ପାଦକ ଗୋପାଳ ଚନ୍ଦ୍ର ଜେନା ମଞ୍ଚ ଆହ୍ୱାନ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ନିଖିଳ ଓଡ଼ିଶା ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଓ ସର୍ବଭାରତୀୟ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ମହାସଂଘର ସହସମ୍ପାଦକ ନିରଞ୍ଜନ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀଙ୍କ ବହୁ ପ୍ରତୀକ୍ଷିତ ପେନସନ୍ ସଂଶୋଧନ ଫ୍ୟାମିଲି ପେନସନ୍‌ର ଉନ୍ନତୀକରଣ, ବ୍ୟାଙ୍କର ମଜୁରି ସଂଶୋଧନ ଓ ବ୍ୟାଙ୍କଗୁଡ଼ିକର ଆର୍ଥିକ ସ୍ଥିତିର ବିଶଦ୍ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ସର୍ବଭାରତୀୟ ୟୁକୋ ବ୍ୟାଙ୍କ ଅଧିକାରୀ ମହାସଂଘର ଚେୟାରମ୍ୟାନ୍ ଓ ପୂର୍ବତନ ସର୍ବଭାରତୀୟ ୟୁକୋ ବ୍ୟାଙ୍କ ଅଫିସର ସଂଘର ସାଧାରଣ ସମ୍ପାଦକ ପ୍ରୀତିଶ କୁମାର ବସା ବ୍ୟାଙ୍କଗୁଡ଼ିକର ଆର୍ଥିକ ସ୍ଥିତି ଅବସରପ୍ରାପ୍ତ କର୍ମଚାରୀମାନଙ୍କ ପେନସନରେ ବ୍ୟାପକ ତ୍ରୁଟିର ସଂଶୋଧନ, ପାରିବାରିକ ପେନସନର ସଂଶୋଧନ ଓ ଅନ୍ୟାନ୍ୟ ସୁବିଧା ଅସୁବିଧାର ପୁଙ୍ଖାନୁପୁଙ୍ଖ ବିବରଣୀ ପ୍ରଦାନ କରିଥିଲେ। ସଂଘ ସାଧାରଣ ସମ୍ପାଦକ ଅନିଲ କୁମାର ପଟ୍ଟନାୟକ ସମ୍ପାଦକୀୟ ବାର୍ଷିକ ବିବରଣୀ ପାଠ କରିଥିଲେ। ସଂଘର ବାର୍ଷିକ ଆୟବ୍ୟୟ ହିସାବ କୋଷାଧ୍ୟକ୍ଷ ଗୋପାଳ ଚନ୍ଦ୍ର ଦାସ ପାଠ କରିଥିଲେ।

ଅପରାହ୍ନରେ ସଂଘର ଆଭ୍ୟନ୍ତରୀଣ ବିଷୟ ଓ କାର୍ଯ୍ୟଧାରା, ଭବିଷ୍ୟତ କାର୍ଯ୍ୟପନ୍ଥା, ନୂତନ ଦ୍ୱିବାର୍ଷିକ କାର୍ଯ୍ୟକର୍ତ୍ତା ଚୟନ ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା ହୋଇଥିଲା। ରଞ୍ଜନ କୁମାର ଦାସ, ମୃତ୍ୟୁଞ୍ଜୟ ପ୍ରଧାନ, ଭାଗବତ ରଣା, ଯୋଗେଶ ଚନ୍ଦ୍ର ପ୍ରଧାନ, ରମାକାନ୍ତ ମହାନ୍ତି, ବିଶ୍ୱନାଥ ରଣା, ଶରତ ଚନ୍ଦ୍ର ପଣ୍ଡା, ପ୍ରଫୁଲ୍ଲ ପଣ୍ଡା, ଦୀନବନ୍ଧୁ ପଣ୍ଡା, କେଦାରନାଥ ବେହେରା, ଅନିରୁଦ୍ଧ ବେହେରା, ସୁବ୍ରତ କୁମାର ସିଂ, ଅମର ନାଥ ସେଠୀ, ନରେନ୍ଦ୍ର ମିଶ୍ର, ବିଶ୍ୱନାଥ ସାହୁ ଏବଂ ଅନ୍ୟ ଉପସ୍ଥିତ ସଦସ୍ୟ ସଭାକୁ ସୁରୁଖୁରୁରେ ପରିଚାଳନା କରିଥିଲେ। ବିନୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଂଘର ଚତୁର୍ଥ ବାର୍ଷିକ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

## ଜଳିଗଲା ୪ ବଖରା

**ଖଇରା, ୨୪।୩(ଡି.ଏନ.ଏ.):** ଖଇରା ବ୍ଲକ କୁପାରୀ ଗ୍ରାମରେ ଶନିବାର ଅଗ୍ନିକାଣ୍ଡ ଘଟି ଗୋବିନ୍ଦ ବେହେରାଙ୍କର ୪ ବଖରା ପୋଡି ପାଉଁଶ ହୋଇଯାଇଛି। ଖଇରା ଦମକଳ କେନ୍ଦ୍ରର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# 'ଯକ୍ଷ୍ମା ପ୍ରତିହତ ଲାଗି ସହଯୋଗ ଲୋଡ଼ା'

**ବାଲେଶ୍ୱର ଅଫିସ, ୨୪।୩**

ବାଲେଶ୍ୱର ସଦର ମହକୁମା ମୁଖ୍ୟ ଚିକିତ୍ସାଳୟ ପରିସର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମ୍ମିଳନୀ କକ୍ଷଠାରେ ରବିବାର ଜିଲାସ୍ତରୀୟ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଆୟୋଜିତ ସଭାରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ରଞ୍ଜନ କୁମାର ପାଢ଼ୀ ସଭାପତିତ୍ୱ କରି ଯକ୍ଷ୍ମା ରୋଗର ଭୟାବହତା ସମ୍ପର୍କରେ ଆଲୋଚନା କରିଥିଲେ। ଏହାକୁ ପ୍ରତିହତ କରିବା ପାଇଁ ଚାଲିଥିବା ଅଭିଯାନରେ ସମସ୍ତେ ସହଯୋଗ କରିବାକୁ କହିଥିଲେ।

ଜିଲା ଯକ୍ଷ୍ମା ଅଧିକାରୀ ଡା. ଗିରୀଶ ଚନ୍ଦ୍ର ପତି ଏହି ରୋଗର କାରଣ, ନିରାକରଣ, ଜିଲାରେ ଏହାର ସ୍ଥିତି, ସରକାରୀସ୍ତରରେ ଉପଲବ୍ଧ ଚିକିତ୍ସା ସୁବିଧା ତଥା ଏ ଦିଗରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ସମ୍ପ୍ରତି ଆଧୁନିକ ସିବିନାଟ ମେଶିନ ଦ୍ୱାରା ୨ ଘଣ୍ଟା ମଧ୍ୟରେ ରୋଗର ସଠିକ୍ ଚିହ୍ନଟ ହେଉଥିବା ସେ ଦର୍ଶାଇଥିଲେ। ଟିବି ଓ ଛାତି ରୋଗ ବିଶେଷଜ୍ଞ ଡା. ବିଜୟ କୁମାର ପଣ୍ଡା, ଆଇଏମ୍ଏ ସେକ୍ରେଟାରୀ ଡା. ଜୟନ୍ତ ଦାସ, ଏଡ଼ିଏମ୍‌ଓ(ଜନସ୍ୱାସ୍ଥ୍ୟ) ଡା. ସନ୍ଧ୍ୟାରାଣୀ ପଟ୍ଟନାୟକ, ଫକୀରମୋହନ ମେଡ଼ିକାଲ କଲେଜର ସିନିୟର ରେସିଡେଣ୍ଟ ଡା. ମନୋରଞ୍ଜନ ପାଣିଗ୍ରାହୀ, ଡିପିଏଚସିଓ ନରେଶ ଚନ୍ଦ୍ର ଦାସ ପ୍ରମୁଖ ମଞ୍ଚାସୀନ ହୋଇ ଚଳିତବର୍ଷର ବିଷୟ 'ଯକ୍ଷ୍ମାମୁକ୍ତ ବିଶ୍ୱ ପାଇଁ ଏହା ପ୍ରକୃଷ୍ଟ ସମୟ' ସମ୍ବନ୍ଧରେ ଆଲୋଚନା କରିବା ସହିତ ଏହି ରୋଗର ବିଭିନ୍ନ ଦିଗ ଉପରେ ବକ୍ତବ୍ୟ ରଖିଥିଲେ। ଆସନ୍ତା ଏକ ଦଶନ୍ଧି ମଧ୍ୟରେ ଏହି ରୋଗର ମୂଳୋତ୍ପାଟନ କରାଯିବା ଲାଗି ଯେଉଁ ଲକ୍ଷ୍ୟ ରହିଛି, ତାହା ପୂରଣ ଲାଗି ସବୁ ସ୍ତରରେ ଉଦ୍ୟମ ଜାରି ରଖିବାକୁ ସଭାରେ ମତପ୍ରକାଶ ପାଇଥିଲା। ୨୦୧୮ ମସିହାରେ ଜିଲାରେ ୧୭,୩୫୯ ଜଣଙ୍କର କଫ ପରୀକ୍ଷା କରାଯାଇଥିବା ବେଳେ ୧୯୨୪ଜଣ ଯକ୍ଷ୍ମା ରୋଗୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ଡଟସ୍ ପଦ୍ଧତିରେ ଔଷଧ ଯୋଗାଇ ଦିଆଯାଉଥିବା ଜିଲା କାର୍ଯ୍ୟକ୍ରମ ସଂଯୋଜକ ବିଶ୍ୱରଞ୍ଜନ ନାୟକ ପ୍ରକାଶ କରିଛନ୍ତି। ତେବେ ଚିକିତ୍ସାଧୀନଙ୍କ ମଧ୍ୟରୁ ୧୮୦ଜଣ ରୋଗୀ ଅଧାରୁ ଔଷଧ ବନ୍ଦ କରିଦେଇଥିବା ବେଳେ ୫୪ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଏବେ ଚିକିତ୍ସାଧୀନ ରୋଗୀମାନଙ୍କୁ ପୋଷଣ ଯୋଜନାରେ ମାସିକ ୫ଶହ ଟଙ୍କା ଲେଖାଏ ପ୍ରଦାନ କରାଯାଉଛି। ସେହିପରି ଏହି ରୋଗର ଚିହ୍ନଟ ଏବଂ ଚିକିତ୍ସା କ୍ଷେତ୍ରରେ ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ ତଥା କ୍ଷେତ୍ର କର୍ମଚାରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବକ୍ତାମାନେ କହିଥିଲେ। ସକାଳେ ଜିଲା ମୁଖ୍ୟ ଚିକିତ୍ସାଳୟଠାରୁ ଆଶାକର୍ମୀ ଓ ଏଏନ୍ଏମ୍ ତାଲିମ କେନ୍ଦ୍ର ଛାତ୍ରୀମାନଙ୍କୁ ନେଇ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ପ୍ରତାପ ପଣ୍ଡା, ସୁବ୍ରତ ଦାସ, ସୁଶାନ୍ତ ବେହେରା, ସଞ୍ଜୟ ସାହୁ ଓ ମନୋଜ ପାସା ପ୍ରମୁଖ ସହଯୋଗ କରିଥିଲେ। ଶରତ ଦାସ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




ସଭାରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଅନ୍ୟମାନେ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୬ | Press Regd. No. R.N. 21326/74 Postal Regd. No. BN/42/18-20. | ବାଲେଶ୍ୱର, ସୋମବାର, ମାର୍ଚ୍ଚ ୨୫/୨୦୧୯ | Balasore, Monday, March 25/ 2019


# ଭୟାବହ ଅଗ୍ନିକାଣ୍ଡ: ଜଳିଗଲା ୨୩ ବଖରା

**ବନ୍ତ,୨୪।୩(ସ୍ୱ.ପ୍ର./ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ତହସିଲ ଓଡ଼ଙ୍ଗ ପଞ୍ଚାୟତର ବୋଡ଼କ ମହାଜିବୀ ଶାସନରେ ରବିବାର ଭୟାବହ ଅଗ୍ନିକାଣ୍ଡ ଘଟି ୧୦ ପରିବାରର ୨୩ ବଖରା ଘର ଜଳି ଯାଇଛି। ପୂର୍ବାହ୍ନ ପ୍ରାୟ ୧୧ ଟା ସମୟରେ ପ୍ରଥମେ ଚକ୍ରଧର ପାଣିଗ୍ରାହୀଙ୍କ ଘରେ ନିଆଁ ଲାଗି ପରେ ଆଖପାଖର ଘରକୁ ବ୍ୟାପି ଯାଇଥିଲା। ନିଆଁର ପ୍ରକୋପ ଏଭଳି ଥିଲା ଯେ, ଲୋକେ ବାହାରକୁ ଚାଲି ଆସି ଜୀବନ ରକ୍ଷା କରିଥିଲେ ମଧ୍ୟ କୌଣସି ଜିନିଷପତ୍ର ଉଦ୍ଧାର କରି ପାରି ନ ଥିଲେ। ଆଗରପଡ଼ାରୁ ଦମକଳ ବାହିନୀ ପହଞ୍ଚି ୨ଟି ଦମକଳ ସାହାଯ୍ୟରେ ନିଆଁ ଲିଭାଇଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡି ନାହିଁ। ବିଦ୍ୟୁତ୍ ଶର୍ଟ୍‌ସର୍କିଟରୁ ଘରେ ପ୍ରଥମେ ନିଆଁ ଲାଗିଥିବା ଥିବା ଅନୁମାନ କରାଯାଉଛି।

ଅଗ୍ନିକାଣ୍ଡରେ ଚକ୍ରଧର ପାଣିଗ୍ରାହୀଙ୍କ ୨ ବଖରା, କମଳାକାନ୍ତ ପାଣିଗ୍ରାହୀଙ୍କ ୪, ଯୁଧିଷ୍ଠିର ପାଣିଗ୍ରାହୀଙ୍କ ୩, ଶ୍ରୀଧର ପାଣିଗ୍ରାହୀଙ୍କ ୨, କାର୍ତ୍ତିକ ପାଣିଗ୍ରାହୀଙ୍କ ୨, ଲକ୍ଷ୍ମୀଧର ପାଣିଗ୍ରାହୀଙ୍କ ୨, ସତ୍ୟବାଦୀ ପାଣିଗ୍ରାହୀଙ୍କ ୨, ରବୀନ୍ଦ୍ର ପାଣିଗ୍ରାହୀଙ୍କ ୨, ଦୀନବନ୍ଧୁ ପାଣିଗ୍ରାହୀଙ୍କ ୨, ଶୁଭବ୍ରତ ପାଣିଗ୍ରାହୀଙ୍କ ୨ ବଖରା ଘର ସମେତ ଠାକୁର ଘର ଓ ଗୁହାଳ ଘର ପୋଡ଼ିଯାଇଛି। ଏଥିରେ ଆନୁମାନିକ ୧୦ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା କୁହାଯାଉଛି। କମଳାକାନ୍ତ ତାଙ୍କ ଝିଅ ବାହାଘର ପାଇଁ ରଖିଥିବା ନଗଦ ଟଙ୍କା ଓ ସୁନା ଅଳଙ୍କାର ଜଳି ନଷ୍ଟ ହୋଇଯାଇଛି। ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଅଭିମନ୍ୟୁ ସେଠୀ, ଯୁବ ବିଜେଡି ଜିଲା ସଭାପତି ଦୁର୍ଗାପ୍ରସନ୍ନ ଦାସ ଅଗ୍ନି ବିପନ୍ନଙ୍କ ପାଖରେ ପହଞ୍ଚି ସେମାନଙ୍କୁ ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ କରିବା ଓ ବାସଗୃହ ଯୋଗାଇ ଦେବାକୁ ଦାବି କରିଛନ୍ତି।


ଯକ୍ଷ୍ମା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ରବିବାର ଭଦ୍ରକ ରୋଟାରୀ କ୍ଲବ ପ୍ରାୟୋଜିତ ସାଇକେଲ ଯାତ୍ରାରେ ବାହାରିଛନ୍ତି ତ୍ରିଲୋଚନ ମହାଳିକ।

# ୧୧ହଜାର କି.ମି.ରାସ୍ତା ଅତିକ୍ରମ କରିବେ ତ୍ରିଲୋଚନ

## ସାଇକେଲରେ ଭ୍ରମଣ କରିବେ ୨୦ ରାଜ୍ୟ

**ଭଦ୍ରକ ଅଫିସ, ୨୪।୩**

ରବିବାର ଯକ୍ଷ୍ମା ଦିବସ ପାଳନ ଅବସରରେ ସଚେତନତା ବାର୍ତ୍ତା ବାଣ୍ଟିବା ପାଇଁ ଭଦ୍ରକ ରୋଟାରୀ କ୍ଲବର ସଦସ୍ୟ ତଥା ତିହିଡ଼ି ବ୍ଲକ କାଳିମେଘା ନିବାସୀ ତ୍ରିଲୋଚନ ମହାଳିକ ୨୫୧ ଦିନ ଲାଗି ସାଇକେଲ ଯାତ୍ରା ଆରମ୍ଭ କରିଛନ୍ତି। ଭଦ୍ରକ ରୋଟାରୀ କ୍ଲବ ପ୍ରାୟୋଜିତ ଏହି ସାଇକେଲ ଯାତ୍ରା ଅଭିଯାନରେ ମହାଳିକ ଭାରତର ୨୦ଟି ରାଜ୍ୟର ୭୧ ରାଜସ୍ୱ ଜିଲା ଅନ୍ତର୍ଗତ ୧୧ହଜାର କି.ମି ରାସ୍ତା ଅତିକ୍ରମ କରିବାକୁ ଲକ୍ଷ୍ୟ ରଖିଛନ୍ତି।

ସାଇକେଲ ଯାତ୍ରା ଆରମ୍ଭ କରିବା ଅବସରରେ ମହାଳିକ ଗଣମାଧ୍ୟମକୁ କହିଥିଲେ ଯେ, ସଚେତନତା ଅଭାବରୁ ଯକ୍ଷ୍ମାରୋଗର ପ୍ରାଦୁର୍ଭାବ ବଢି ଚାଲିଛି। ବର୍ତ୍ତମାନ ପ୍ରାୟ ପ୍ରତି ୩ ମିନିଟ୍‌ରେ ୨ ଜଣ ରୋଗୀ ମୃତ୍ୟୁ ମୁଖରେ ପଡୁଛନ୍ତି। ଯକ୍ଷ୍ମା ଏକ ଜୀବାଣୁଜନିତ ରୋଗ। ଉଚିତ ସମୟରେ ସମ୍ପୂର୍ଣ୍ଣ ଅବଧି ଚିକିତ୍ସା କଲେ ଏଥିରୁ ଆରୋଗ୍ୟଲାଭ କରିହେବ। ଏହି ବାର୍ତ୍ତା ପ୍ରଚାର ତାଙ୍କ ଅଭିଯାନର ଲକ୍ଷ୍ୟ। ସ୍ଥାନୀୟ ସାଳନ୍ଦୀ ହସ୍ପିଟାଲ ପରିସରରେ ତାଙ୍କୁ ସମ୍ବର୍ଦ୍ଧନା ଦେବା ଲାଗି ଏକ ସଭା ଅନୁଷ୍ଠିତ ହୋଇଥିଲା। ଡା. ପ୍ରଭାସ କୁମାର ମହାନ୍ତି ଏଥିରେ ସଂଯୋଜନା କରିଥିଲେ। ରୋଟାରୀ ଜିଲା ଗଭର୍ନର ଶାନ୍ତନୁ କୁମାର ପାଣି ମୁଖ୍ୟଅତିଥି ରୂପେ ଯୋଗଦେଇ ପତାକା ହଲାଇ ଉକ୍ତ ଅଭିଯାନର ଶୁଭାରମ୍ଭ କରିଥିଲେ। ଡା. ସୁଧିରଞ୍ଜନ ନାୟକ, ରୋଟାରୀ କ୍ଲବର ସଭାପତି ଅଜିତ୍ କୁମାର ଦାସ, ସମ୍ପାଦକ ମନୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ରୋଟାରିଆନ ବସନ୍ତ କୁମାର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ସଭାରେ ଉପସ୍ଥିତ ମହାଳିକଙ୍କର ମାତାପିତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ତିହିଡ଼ି ଓ ଭଦ୍ରକର ବହୁ ବୁଦ୍ଧିଜୀବୀ, ଭଦ୍ରକ ରୋଟାରୀ କ୍ଲବର ସମସ୍ତ ସଦସ୍ୟ ଯୋଗଦେଇଥିଲେ।












3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ମହିଳାଙ୍କ ଆତ୍ମହତ୍ୟା

**ବଡ଼ବିଲ, ୨୪।୩ (ସ୍ୱ.ପ୍ର.)**- କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ଟାଟା ହଟିଂରେ ଜଣେ ମହିଳା ନିଜ ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଛନ୍ତି। ମହିଳା ଜଣଙ୍କ ହେଲେ ସରସ୍ୱତୀ ପାତ୍ର(୨୨)। ସୂଚନା ଅନୁଯାୟୀ, ସରସ୍ୱତୀ ଓ ତାଙ୍କ ସ୍ୱାମୀ ଦେବେନ୍ଦ୍ର ଟାଟା ହଟିଂରେ ରୁହନ୍ତି। ରବିବାର ପୂର୍ବାହ୍ନରେ ଦେବେନ୍ଦ୍ର ଘରେ ନ ଥିଲାବେଳେ ସ୍ତ୍ରୀ ସରସ୍ୱତୀ ନିଜ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିଲେ। ପ୍ରାୟ ସାଢ଼େ୧୧ଟା ବେଳେ ଦେବେନ୍ଦ୍ର ଘରକୁ ଫେରି ଘଟଣାସମ୍ପର୍କରେ ଜାଣିବାକୁ ପାଇଥିଲେ। ଖବରପାଇ ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

### ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

**ଯୋଡ଼ା,୨୪।୩(ଡି.ଏନ.ଏ.)**- କେନ୍ଦୁଝର ଜିଲା ଯୋଡା ଥାନା ଅଧୀନ ବିଲେଇପଦା ଫାଣ୍ଡି ଗୋବର୍ଦ୍ଧନପୁର ରାସ୍ତାରେ ଏକ ଅଜଣା ଗାଡ଼ି ଧକ୍କା ଦେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତକ ହେଲେ ଚକ୍ରଧର ନାଏକ(୫୫) । ତାଙ୍କ ଘର ଗୋବର୍ଦ୍ଧନପୁର ଗ୍ରାମରେ। ସେ ଗତ ୨୦ ତାରିଖ ରାତିରେ ଉକ୍ତ ରାସ୍ତାରେ ଚାଲି ଚାଲି ଯାଉଥିବାବେଳେ କୌଣସି ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତ ଦେହକୁ ଜବତ କରି ବଡ଼ବିଲ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବା ସୂଚନା ମିଳିଛି । ପୋଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବିଲେଇପଦା ଫାଣ୍ଡି ଅଧିକାରୀ ରଞ୍ଜନ କୁମାର ବିଶ୍ୱାଳ କହିଛନ୍ତି।

### ମହିଳାଙ୍କୁ ଅସଦାଚରଣ ଅଭିଯୋଗ, ୩ ଗିରଫ

**ପାଟଣା,୨୪।୩(ସ୍ୱ.ପ୍ର.)**- କେନ୍ଦୁଝର ପାଟଣା ବ୍ଲକ ଚେମେଣା ପଞ୍ଚାୟତ ଦାଶରଥୀପୁର ଅଞ୍ଚଳର ଜଣେ ବିବାହିତା ମହିଳାଙ୍କୁ ଗତ ଶୁକ୍ରବାର ସନ୍ଧ୍ୟାରେ ଘରେ ପଶି ଅସଦାରଚରଣ କରିବା ଅଭିଯୋଗ ହୋଇଥିଲା। ଉକ୍ତ ଗ୍ରାମର ୩ ବ୍ୟକ୍ତିଙ୍କୁ ରବିବାର ତୁରୁମୁଙ୍ଗା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ବ୍ୟକ୍ତି ମାନେ ହେଲେ ଗୁଲି ମୁଣ୍ଡା, ବାବୁରାମ ମାଝୀ ଓ ବିଦେଶୀ ମାଝୀ। ଅଭିଯୋଗ ଅନୁଯାୟୀ ଗତ ଶୁକ୍ରବାର ସନ୍ଧ୍ୟାରେ ୩ଜଣ ବ୍ୟକ୍ତି ମହିଳାଙ୍କ ଘରେ ପଶି ଅଶ୍ଳୀଳଭାଷାରେ ଗାଳିଗୁଲଜ କରିବାସହ ଦୁର୍ବ୍ୟବହାର କରିଥିଲେ। ଏନେଇ ତୁରୁମୁଙ୍ଗା ପୋଲିସ ଏକ ମାମଲା (ନଂ.୨୭/୧୯) ରୁଜୁକରି ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ଅଷ୍ଟପ୍ରହର ନାମଯଜ୍ଞ

**ଆନନ୍ଦପୁର,୨୪। ୩(ସ୍ୱ.ପ୍ର.)**- ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଜନ୍ମତିଥି ଦୋଳ ପୂର୍ଣ୍ଣିମା ଅବସରରେ ଘସିପୁରା ବ୍ଲକ ଝାଡକୁଣ୍ଡି ନୂଆସାହିଠାରେ ୩୦ତମ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୧୦ କୀର୍ତ୍ତନ ଦଳ ଅଂଶଗ୍ରହଣ କରି ନାମ ସଂକୀର୍ତ୍ତନ କରିବା ସହିତ ଗ୍ରାମ ଭ୍ରମଣ କରିଥିଲେ। ଦେବପ୍ରିୟ ପାତ୍ର ଅତିଥି ଭାବେ ଯୋଗଦେଇ ଗୌରଭକ୍ତମାନଙ୍କୁ ଉତ୍ସାହିତ କରିଥିଲେ। ଗଣେଶ୍ୱର ପଣ୍ଡା, ଗୋବିନ୍ଦ ପ୍ରଧାନ, ରାହାସ ଦେହୁରି ପ୍ରମୁଖଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଚାଲିଛି ବେଧଡ଼କ ନିଶା କାରବାର

**କେନ୍ଦୁଝର, ୨୪।୩ (ସ୍ୱ.ପ୍ର.)**

- କଟକଣା ସତ୍ତ୍ୱେ ଚାଲିଛି ବେପାର
- ବଢ଼ୁଛି ଦୁର୍ଘଟଣା, ଅପରାଧ
- ନିଆଯାଉନାହିଁ କାର୍ଯ୍ୟାନୁଷ୍ଠାନ

ନିର୍ବାଚନ ଉପଲକ୍ଷେ ମଦ ଉପରେ କଟକଣା କରାଯାଇଛି। ତେବେ ଉପଯୁକ୍ତ ତଦାରଖ ଅଭାବରୁ କେନ୍ଦୁଝର ଜିଲାର ବିଭିନ୍ନ ରାସ୍ତା କଡ ଢାବା, ହୋଟେଲ ଆଦି ବେଆଇନ ମଦକାରବାର ଚାଲିଛି । ସେହିପରି କଟକଣା ସତ୍ତ୍ୱେ ରାତିରେ ଚାଲିଛି ଲାଇସେନ୍ସ ପ୍ରାପ୍ତ କେତେକ ଦୋକାନରେ ବେପାର । ଅବକାରୀ ବିଭାଗ ସାଧାରଣ ଛୋଟ ଛୋଟ ମଦ ଓ ଗଞ୍ଜେଇ ବେପାରୀଙ୍କୁ ଧରି ବାଃ ବାଃ ନେବାକୁ ଚାହୁଁଥିବା ବେଳେ ବାସ୍ତବରେ ଢାବା, ମଦ ଦୋକାନ ମାନଙ୍କରେ ଚଢାଉ କରୁ ନ ଥିବାରୁ ସାଧାରଣରେ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଏପରିକି ହୋଲି ଦିନରେ ମଧ୍ୟ କେତେକ ଦୋକାନରେ ଲୁଚାଛପା ମଦ ବିକ୍ରିକୁ ନେଇ ଅସନ୍ତୋଷ ଦେଖାଦେଇଥିଲା। ଜିଲା ମୁଖ୍ୟାଳୟରେ ଥିବା କେତେକ ମଦ ଦୋକାନ ରାତି ୧୦ ପରେ ମଧ୍ୟ ମଦ ବିକୁଥିବା ଅଭିଯୋଗ ହେଉଛି । ମଦ ଦୋକାନରେ ଭିଡ ଜମୁଛି କିନ୍ତୁ ଏହାକୁ ନେଇ ଖବର ଦେଲେ ମଧ୍ୟ ବିଭାଗୀୟ ବାବୁ ମାନେ ଚୁପ ବସିରହୁଥିବାରୁ ସେମାନଙ୍କ କାର୍ଯ୍ୟକୁ ନେଇ ସନ୍ଦେହ ସୃଷ୍ଟି ହେଉଛି । ନିର୍ବାଚନ ଥିବାରୁ ଏଭଳି ସରକାରୀ କର୍ମଚାରୀ ମାନଙ୍କୁ ବଦଳି କରା ନ ଗଲେ ବେଆଇନ ମଦକାରବାର ବୃଦ୍ଧି ପାଇବ ବୋଲି ମତ ପ୍ରକାଶ ପାଉଛି। ମଦ ଯୋଗୁଁ ଦୁର୍ଘଟଣା ବଢୁଛି ଏବଂ ଅପରାଧ ଘଟୁଛି। ଫଳରେ ସମାଜରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ସେହିପରି ସହରରେ ଗଞ୍ଜେଇ, ଡ୍ରଗସ ଆଦି କାରବାର ବୃଦ୍ଧି ପାଉଥିଲେ ହେଁ ଅବକାରୀ ବିଭାଗ ଧରପଗଡ କରୁନଥିବାରୁ ବହୁ ଲୋକ ବିଶେଷ କରି ଯୁବପୀଢୀ ସମାଜର ମୁଖ୍ୟସ୍ରୋତରୁ ଦୂରେଇ ଯାଇ ଦୁର୍ବିସହ ଜୀବନ କାଟୁଛନ୍ତି। ଅନ୍ୟପକ୍ଷରେ କେତେକ ଦୁର୍ନୀତିଗ୍ରସ୍ତ ପୋଲିସ ଓ ଅବକାରୀ ବିଭାଗ କର୍ମଚାରୀ ସେମାନଙ୍କ ସହ ସଲାସୁତୁରା କରୁଥିବାରୁ ଏହାକୁ ରୋକାଯାଇପାରୁନାହିଁ କିମ୍ବା ଧରପଗଡ କରାଯାଇପାରୁନାହିଁ ବୋଲି ଅଭିଯୋଗ ହେଉଛି । ସେହିପରି ବହୁ ପରିମାଣରେ ମହୁଲ ବେଆଇନ ଭାବରେ ଅନ୍ୟ ରାଜ୍ୟକୁ ଚାଲାଣ ହେଉଥିଲେ ହେଁ ଧରାଯାଉ ନାହିଁ। ଏସବୁ ନିଶା କାରବାର ଉପରେ କଟକଣା ଲଗାଇବାକୁ ପ୍ରଗତିଶୀଳ ନାଗରିକ ମଞ୍ଚର ସଭାପତି ଧିରେନ୍ଦ୍ର ରାଉତ କହିଛନ୍ତି। ଅବକାରୀ ଓ ପୋଲିସ ବିଭାଗ ଚାହିଁଲେ ଧରପଗଡ କରିପାରିବେ ଓ ବେଆଇନ କାରବାର ବନ୍ଦ କରିପାରିବେ । ତେବେ ପେଟପାଟଣା ପାଇଁ ମଦ କାରବାର କରୁଥିବା ଛୋଟ ଛୋଟ ବେପାରୀଙ୍କୁ ଧରି ବଡ ବଡ ମାଫିଆ ମାନଙ୍କୁ ଛାଡ କରିବା ଆଦୌ ଗ୍ରହଣୀୟ ନୁହେଁ । ଏସବୁ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏକ ସୁସ୍ଥ ସମାଜ ଗଠନ କରିବା ଜରୁରୀ ବୋଲି ସାମାଜିକ କର୍ମୀ କିରଣବାଳା ନାୟକ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜନମକୁ ବୁଣିଲେ କରମକୁ ଫଳେ**
**ଲାଉ ଲଗାଇଲେ ଚଲଣା ଫଳେ ।**

ପ୍ରାରବ୍ଧ କର୍ମ ଅନୁସାରେ ବ୍ୟକ୍ତି ଫଳ ଭୋଗ କରିଥାଏ। ଦଶା ବା ଭାଗ୍ୟ ଯେତେବେଳେ ବାମ ହୁଏ, ସେତେବେଳେ ବ୍ୟକ୍ତି କିଂକର୍ତ୍ତବ୍ୟବିମୂଢ଼ ହୋଇଯାଏ। ଭାଗ୍ୟର ବିପର୍ଯ୍ୟୟ ଘଟିଲେ ହାତରେ ଥିବା ସୁନା ମାଟି ପାଲଟିଯାଏ। ଭାଗ୍ୟ ମନ୍ଦ ପଡ଼ିଲେ କର୍ମଫଳ ମନ୍ଦ ହୋଇଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଜିଣିଲେ ମରିବ,**
**ହାରିଲେ ମରିବ ।**

ମାରୀଚର ସଙ୍କଟରେ ପଡ଼ିବା କଥା। ଦୌଡ଼ରେ ଜିଣିଲେ ପ୍ରଭୁ ରାମଚନ୍ଦ୍ରଙ୍କ ତୀରରେ ମରିବ, ନ ହେଲେ ଧରାପଡ଼ିବ। ଉଭୟ କ୍ଷେତ୍ରରେ ମୃତ୍ୟୁ ସୁନିଶ୍ଚିତ। ଯେକୌଣସି ନିଷ୍ପତ୍ତି ବା ଘଟଣା ଯଦି ନିଜ ସପକ୍ଷରେ ନ ଯାଏ ତା' ହେଲେ ବ୍ୟକ୍ତିର ସଙ୍କଟ ଦ୍ୱିଗୁଣିତ ହୋଇଯାଏ। ଏପରିସ୍ଥଳେ ସେ ନିଜକୁ ଅସହାୟ ମଣିବା ଛଡ଼ା ଆଉ କିଛି ବାଟ ରହୁ ନଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ସୁରକ୍ଷିତ ରଖାଗଲା ଇଭିଏମ, ଭିଭିପିଏଟି ମେଶିନ



ଇଭିଏମ ଓ ଭିଭିପିଏଟିକୁ ରଖାଯାଇ ସିଲ୍ କରାଯାଇଛି।

**ଆନନ୍ଦପୁର, ୨୪।୩(ସ୍ୱ.ପ୍ର.)**

ରାଜ୍ୟ ସରକାରଙ୍କ ନିର୍ବାଚନ ପ୍ରସ୍ତୁତି କ୍ରମରେ ଇଭିଏମ୍ ଓ ଭିଭିପାଟ୍ ମେଶିନ୍ ଶୁକ୍ରବାର ଆନନ୍ଦପୁରରେ ପହଞ୍ଚିଛି। ଆନନ୍ଦପୁର ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ରବୀନ୍ଦ୍ର କୁମାର ସାହୁ ଏବଂ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ସୁରକ୍ଷା କର୍ମଚାରୀଙ୍କ ଉପସ୍ଥିତିରେ ଏହାକୁ ଶାଳପଡ଼ା କନକମଞ୍ଜରୀ ମହିଳା ମହାବିଦ୍ୟାଳୟରେ ସୁରକ୍ଷିତ ରଖାଯାଇଛି। ମୋ ଭୋଟ୍ କେତେ ସୁରକ୍ଷିତ କାର୍ଯ୍ୟକ୍ରମ ଅନୁଯାୟୀ ପୂର୍ବରୁ ଭୋଟରମାନଙ୍କ ସଚେତନତା ନିମନ୍ତେ ନୂତନ ଭାବେ ବ୍ୟବହାର ହେବାକୁ ଥିବା ଭିଭିପାଟ୍ ମେଶିନ୍ର କାର୍ଯ୍ୟକାରିତା ସମ୍ପର୍କରେ ପଞ୍ଚାୟତସ୍ତରୀୟ ସଚେତନତା କରାଯାଇଥିଲା । ୨୧-ଘସିପୁରା ନିର୍ବାଚନ ମଣ୍ଡଳୀର ଉଭୟ ସଂସଦୀୟ କ୍ଷେତ୍ର ଓ ବିଧାନସଭା କ୍ଷେତ୍ର ନିମନ୍ତେ ବ୍ୟବହାର ପାଇଁ ୧୧୨୮ ଗୋଟି ଭିଭିପାଟ୍ ଓ ଇଭିଏମ୍ ମେଶିନ୍ ରଖାଯାଇଥିବାବେଳେ ୨୨-ଆନନ୍ଦପୁର ଆସନ ପାଇଁ ପ୍ରତ୍ୟେକଟିରୁ ୧୦୯୭ ମେଶିନ୍ ରଖାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ୪ ଗୋଟି ଷ୍ଟ୍ରଙ୍ଗରୁମରେ ଏହି ମେଶିନ ରଖାଯାଇଛି। ରାଜନୈତିକ ଦଳର ପ୍ରତିନିଧି , ମାଜିଷ୍ଟ୍ରେଟ, ସୁରକ୍ଷା କର୍ମୀଙ୍କ ଉପସ୍ଥିତିରେ ଏହି ଷ୍ଟ୍ରଙ୍ଗରୁମକୁ ଯଉମୁଦ ଦିଆଯାଇ ସିଲ୍ କରାଯାଇଛି। ଏହା ସହିତ ସମ୍ପୃକ୍ତ ଅଞ୍ଚଳ ସିସି କ୍ୟାମେରାର ଦୃଷ୍ଟିରେ ରଖାଯାଇଛି। ସମ୍ପୃକ୍ତ ମେଶିନଗୁଡିକ ବୁଥ୍ସ୍ତରୀୟ ଭାଗ ହେବାପରେ ୮ ଗୋଟି ଷ୍ଟ୍ରଙ୍ଗରୁମ୍ରେ ରଖାଯିବାର ବ୍ୟବସ୍ଥା କରାଯାଇଛି।

# ଜମୁଛି ଗୋପାଳଙ୍କ ବାଡ଼ି ଖେଳ

**ତେଲକୋଇ, ୨୪।୩(ଡି.ଏନ.ଏ.)**

ତେଲକୋଇ ଅଞ୍ଚଳର ବିଭିନ୍ନ ଗ୍ରାମରେ ଦୋଳ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଦୋଳ ପର୍ବ ପାଇଁ ଗ୍ରାମରେ ବିଶାଳ ଶୋଭାଯାତ୍ରା ସାଙ୍ଗକୁ ଗୋପାଳ ଦଳମାନଙ୍କ ବାଡି ଖେଳ ଏବଂ ପ୍ରତିଯୋଗିତା ଗୁରୁତ୍ୱ ବହନ କରିଛି । ଦୋଳ ପୂର୍ଣ୍ଣିମା ପୂର୍ବଦିନ ରାଧାକୃଷ୍ଣଙ୍କୁ ସୁସଜ୍ଜିତ କରି ଗ୍ରାମରେ ଭ୍ରମଣ ପ୍ରଥାରେ ପ୍ରତିଘରେ ପୂଜା ପାଇଥାନ୍ତି। ଏହାପରେ ଠାକୁର ମଣ୍ଡପରୁ ଦୋଳ ପଡ଼ିଆକୁ ନିଆଯାଇଥାଏ। ସନ୍ଧ୍ୟାରେ ଗୋପାଳମାନଙ୍କ ବାଡି ଖେଳ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ତାପରଦିନ ଠାକୁରଙ୍କ ପାଖରେ ପୂଜାର୍ଚ୍ଚନା କରାଯାଇ ହୋଲି ପର୍ବ ଆରମ୍ଭ କରାଯାଏ । ହୋଲି ପର୍ବରେ ଠାକୁର ସ୍ଥାନରେ ବାଜା ରୋଶଣି ନେଇ ବିଭିନ୍ନ କାର୍ଯ୍ୟାଳୟ ଓ ବଜାର ଅଞ୍ଚଳରେ ରଙ୍ଗର ଆସର ପରେ ମିଷ୍ଟାନ ଖାଇ ଥାନ୍ତି । ଦୋଳ ଉତ୍ସବ ପାଇଁ ବିଭିନ୍ନ ପରିବାରରେ ବନ୍ଧୁ ବାନ୍ଧବଙ୍କ ମିଳନ ସହିତ ଖାଦ୍ୟପେୟର ଆସର କରାଯିବାର ମଧ୍ୟ ପ୍ରଥା ରହିଛି ।

# କେନ୍ଦ୍ରୀୟ ବିଦ୍ୟାଳୟ ଟିମ୍ର ପରିଦର୍ଶନ

**ଆନନ୍ଦପୁର, ୨୪।୩(ସ୍ୱ.ପ୍ର.)**



କେନ୍ଦୁଝର କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରୁଛନ୍ତି।

ଆନନ୍ଦପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲାଯିବା ନେଇ ମାର୍ଚ୍ଚ ୩ ତାରିଖରେ କେନ୍ଦ୍ର କ୍ୟାବିନେଟରେ ପୁନର୍ବାର ପ୍ରସ୍ତାବ ଗୃହୀତ ହୋଇଥିଲା। ପୂର୍ବରୁ ୨୦୧୭ ମାର୍ଚ୍ଚ ମାସରେ ପ୍ରଥମ ଥର ପାଇଁ ମଧ୍ୟ ଏହି ପ୍ରସ୍ତାବ ଗୃହୀତ ହୋଇଥିଲା। ସେହି ସମୟରେ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ଏବଂ ସ୍ଥାନୀୟ ପ୍ରଶାସନର ଉପସ୍ଥିତରେ ଐତିହାସିକ ପୀଠ ଶିଆଡିମାଳିଆର ୮ ଏକର ବିଶିଷ୍ଟ ଜାଗା ଚିହ୍ନଟ କରାଯାଇଥିଲା ଏବଂ ସ୍ଥାନୀୟ ବ୍ରଜବନ୍ଧୁ ବିଦ୍ୟାପୀଠର ଏକ ଦୁଇ ମହଲା ବିଶିଷ୍ଟ ଘରକୁ ୧୦ ଲକ୍ଷ ଟଙ୍କା ବ୍ୟୟ କରାଯାଇ ଆସ୍ଥାୟୀ ଭାବେ ଚାଲୁ କରିବା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିଲା। ଏପରିକି ସମ୍ପୃକ୍ତ ଜାଗାର ପଟ୍ଟା ପାଇଁ ମଧ୍ୟ ତହସିଲରେ ଆବେଦନ କରାଯାଇଥିଲା। ହେଲେ ପଟ୍ଟା ମିଳିବାରେ ବିଳମ୍ବ ଘଟିବାରୁ ସମସ୍ୟା ସୃଷ୍ଟି ହୋଇଥିଲା। କୌଣସି କାରଣକୁ ନେଇ କେନ୍ଦ୍ରୀୟ ବିଦ୍ୟାଳୟ ଅନ୍ୟତ୍ର ସ୍ଥାନାନ୍ତର ହୋଇଥିଲା। ପରବର୍ତ୍ତୀ ସମୟରେ ପୁନର୍ବାର କେନ୍ଦ୍ରୀୟ ବିଦ୍ୟାଳୟ ଆନନ୍ଦପୁରରେ କାର୍ଯ୍ୟକାରୀ କରାଯିବା ପାଇଁ କ୍ୟାବିନେଟ୍ ମଞ୍ଜୁରୀ ମିଳିବା ପରେ ଗତ ୨୧ତାରିଖରେ କେନ୍ଦୁଝରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ଅଧକ୍ଷ ହେମନ୍ତ କୁମାର ସାହୁ ପ୍ରସ୍ତାବିତ ସ୍ଥାନ ପରିଦର୍ଶନ କରିଥିଲେ। ଚଳିତ ବର୍ଷ କେନ୍ଦ୍ରୀୟ ବିଦ୍ୟାଳୟ କିପରି ଅସ୍ଥାୟୀ ଭାବେ କାର୍ଯ୍ୟକାରୀ ହୋଇପାରିବ ସେନେଇ ଉଦ୍ୟମ ହେଉଛି ବୋଲି ଅଧକ୍ଷ ସାହୁ ସୂଚନା ଦେଇଥିଲେ। ଆସନ୍ତା ମେ ମାସ ୨୩ ତାରିଖ ସୁଦ୍ଧା ଛାତ୍ରୀଛାତ୍ରଙ୍କ ନାମଲେଖା ପାଇଁ ନୋଟିଫିକେସନ୍ କରାଯାଇ ଜୁନ ଓ ଜୁଲାଇ ମାସ ମଧ୍ୟରେ ଏହା ଚାଲୁ କରାଯିବାର ଯଥେଷ୍ଟ ସମ୍ଭାବନା ରହିଥିବା ସୂଚନା ଦେଇଥିଲେ। ଯାହାକୁ ନେଇ ଆନନ୍ଦପୁର ଜନସାଧାରଣଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଥିଲା। ଏହି ଯାଞ୍ଚ ପ୍ରକ୍ରିୟା ସମୟରେ ଆନନ୍ଦପୁର ଆରଆଇ ଉପସ୍ଥିତ ରହିବା ସହିତ ସମାଜସେବୀ ଶିଲୁ ପଟ୍ଟନାୟକ, ଶିଆଡିମାଳିଆ ମା' ଧନେଇ କମିଟି ସଭାପତି ବିଜୟ କୁମାର ମିଶ୍ର ଏବଂ ବହୁ ଆନନ୍ଦପୁରବାସୀ ଉପସ୍ଥିତ ରହି ଅଧକ୍ଷଙ୍କ ସହିତ ଆଲୋଚନା କରିଥିଲେ।

# ବିଲୁପ୍ତ ହେବାକୁ ବସିଲେଣି ବାଦୁଡ଼ି

**ରାଇସୁଆଁ, ୨୪।୩(ଡି.ଏନ.ଏ.)**



ଦିନକୁ ଦିନ ବ୍ୟାପକ ଜଙ୍ଗଲ କ୍ଷୟ, କଳକାରଖାନା ବୃଦ୍ଧି ଯୋଗୁ ବାୟୁମଣ୍ଡଳରେ କାର୍ବନଡାଇଅକ୍ସାଇଡର ମାତ୍ରା ବୃଦ୍ଧି , କଙ୍କ୍ରିଟ ରାସ୍ତା, ବହୁ ଉଚ୍ଚ ଅଟ୍ଟାଳିକା ନିର୍ମାଣ, ଉତ୍ତାପ ବୃଦ୍ଧି ଯୋଗୁ ବାଦୁଡି ବଂଶ ଲୋପ ପାଇବାକୁ ବସିଲାଣି। କେନ୍ଦୁଝର ଜିଲା ସଦର ଅଞ୍ଚଳରେ ଆଗରୁ ବହୁ ଗ୍ରାମର ବୃକ୍ଷ ଗୁଡ଼ିକରେ ବହୁଳ ମାତ୍ରାରେ ଦେଖିବାକୁ ମିଳୁଥିବା ବହୁ ବରିଷ୍ଠ ଜନସାଧାରଣ କହିଛନ୍ତି।

ପଶୁ ଚିକିତ୍ସକ ଭି.ଏସ ଶକ୍ତିପ୍ରସାଦ ସାହୁଙ୍କୁ ପଚାରିବାରୁ ସେ କହିଲେ ମୁଖ୍ୟତଃ ଜଳବାୟୁ ପରିବର୍ତ୍ତନ ଏବଂ ଉତ୍ତାପ ବୃଦ୍ଧି ଯୋଗୁ ବାଦୁଡିମାନଙ୍କ ବଂଶ ଲୋପ ପାଉଛି। ପ୍ରବଳ ଉତ୍ତାପ ଯୋଗୁ ବାଦୁଡିମାନଙ୍କ ପ୍ରଜନନ କ୍ଷମତା ମଧ୍ୟ ହ୍ରାସ ପାଉଛି ଏବଂ ଅନ୍ୟପକ୍ଷରେ ବହୁ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ବାଦୁଡି ମାଂସ ଖାଇବା ଦ୍ୱାରା ଶ୍ୱାସ ରୋଗ ଭଲ ହୋଇଯାଏ ବୋଲି ବହୁ ଲୋକଙ୍କ ମନରେ ଧାରଣା ରହିଛି, ଫଳରେ ବହୁ ସମୟରେ ବାଦୁଡିମାନଙ୍କୁ ଶିକାର କରି ଖାଉଥିବା ଜଣାପଡ଼ିଛି। ଏହା ମଧ୍ୟ ବାଦୁଡି ଲୋପ ପାଇବାର ଏକ କାରଣ। ସ୍ଥାନୀୟ ଅଞ୍ଚଳର ଜାଫର ଇକ୍‌ବାଲ କୁହନ୍ତି ୨୦ନଂ ଜାତୀୟ ରାଜପଥ ନିର୍ମାଣରେ ବହୁ ପୁରାତନ ବୃକ୍ଷକୁ କାଟି ଦିଆଗଲା, ଫଳରେ ବାଦୁଡିମାନେ ବାସହରା ହୋଇଗଲେ। ଆଗରୁ ବହୁ ଝଙ୍କାଳିଆ ବୃକ୍ଷ ଯଥା ବରଗଛ, ଅଶ୍ୱତ୍ଥ ବୃକ୍ଷ ଥିଲା ଏବଂ ବହୁ ସ୍ଥାନରେ ଜଳଉତ୍ସ ମାନ ଥିଲା ମାତ୍ର ଏବେ ଜଳ ଉତ୍ସଗୁଡିକ ଶୁଖି ଯିବାରୁ ବାଦୁଡିମାନେ ପାନୀୟଜଳ ପିଇବାରୁ ମଧ୍ୟ ବଞ୍ଚିତ ହେଉଛନ୍ତି। ଫଳରେ ବାଦୁଡି ବଂଶ ଅହେତୁକ ଭାବରେ କମିବାକୁ ଲାଗିଛି। ଏଥିପ୍ରତି ସଚେତନତା ହେବା ସହ ବୃକ୍ଷରୋପଣ କରିବା ଏବଂ ପ୍ରଶାସନିକସ୍ତରରେ ପଦକ୍ଷେପ ଗ୍ରହଣ କରି ବାଦୁଡି ବଂଶକୁ ରକ୍ଷା କରିବାକୁ ବହୁ ପରିବେଶବିତ୍‌ମାନେ ଦାବି କରିଛନ୍ତି।

# ମହାଆଡ଼ମ୍ବରରେ ଦୋଳ ପର୍ବ ଶେଷ

**ଆନନ୍ଦପୁର, ୨୪।୩(ସ୍ୱ.ପ୍ର.)**

ଆନନ୍ଦପୁର ଓ ଫକୀରପୁରରେ ଦୋଳ ମେଲଣ ପର୍ବ ଧୁମ୍ ଧାମ୍‌ରେ ଶେଷ ହୋଇଛି। ଏହି ଉପଲକ୍ଷେ ବିଭିନ୍ନ ଶାସନ ଓ ସାହି ମାନଙ୍କୁ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି ବିମାନ ଯୋଗେ ଆଣାଯାଇ ଆନନ୍ଦପୁର ବଡଦାଣ୍ଡରେ ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ଆନନ୍ଦପୁର ପତିତପାବନଜୀଉ, ଗୋପାଳଜୀଉ, ଗୋପିନାଥଜୀଉ, ରସିକରାୟ ପୀଠ, ଗାଦିଗୋସେଇଁ ରାଧାମୋହନ ଜୀଉ, ଲକ୍ଷ୍ମୀନାରାୟଣ ଶାସନ, ଲକ୍ଷ୍ମୀନାରାୟଣ ଜୀଉଙ୍କ ବିମାନ ପ୍ରଭୃତି ବଡଦାଣ୍ଡଠାରେ ରଖାଯାଇଥିଲା। ସେହିଭଳି ଫକୀରପୁର ସପ୍ତା ବଜାରରେ ରାଧାକୃଷ୍ଣଙ୍କ ବିମାନ ଶୋଭାଯାତ୍ରା ମାଧ୍ୟମରେ ଆଣାଯାଇ ପ୍ରତ୍ୟୁଷରୁ ପୂଜାର୍ଚ୍ଚନା କାର୍ଯ୍ୟ କରାଯାଇଥିଲା। ମେଲଣ ପର୍ବରେ ବିଭିନ୍ନ ଦୋକାନ ବଜାର ଓ ମୀନା ବଜାରର ଆସର ଜମିବା ସହିତ ଶ୍ରଦ୍ଧାଳୁମାନଙ୍କର ଭିଡ ଲାଗି ରହିଥିଲା।



ଦୋଳ ବିମାନରେ ରାଧାକୃଷ୍ଣଙ୍କ ବିଗ୍ରହମୂର୍ତ୍ତି ଗ୍ରାମ ପରିକ୍ରମା କରୁଛି।

# ସଭିଏଁ ଏକାଠି ଖେଳିଲେ ହୋଲି

**ଢେଙ୍କିକୋଟ, ୨୪।୩(ଡି.ଏନ୍.ଏ.)**

ଚଳିତ ବର୍ଷ ହୋଳିପର୍ବ ଢେଙ୍କିକୋଟରେ ଧୁମଧାମ୍‌ରେ ପାଳିତ ହୋଇଯାଇଛି। ଏଠାରେ ହିନ୍ଦୁ ମୁସ୍‌ଲିମ୍ ସମସ୍ତେ ଏକ ହୋଇ ହୋଲି ଖେଳିଥାନ୍ତି। ବାଜା ରୋଶଣି ଧରି ବସ୍ତି ବସ୍ତି ବୁଲି ରଙ୍ଗ ଧରି ସମସ୍ତେ ସମସ୍ତଙ୍କୁ ରଙ୍ଗ ବୋଳି ବର୍ଷରେ ଥରେ ମଜା ନେଇଛନ୍ତି। ସକାଳ ୮ଟାରୁ ୧୨ଟା ପର୍ଯ୍ୟନ୍ତ ଏଠାରେ ହୋଲି ଖେଳ ପାଳନ କରାଯାଇଥିଲା। ଅପରାହ୍ନରେ କାଣିଝରୀ ଡ୍ୟାମ ଏବଂ କାଳିମାଟି ଡ୍ୟାମକୁ ଗାଧୋଇବା ପାଇଁ ଯାଇ ସନ୍ଧ୍ୟାରେ ଏକତ୍ରିତ ହୋଇ ଭୋଜି କରିଥିଲେ। ଏଥିରେ ସଙ୍ଗଠିତ ଭାବେ ବଣିକ ସଂଘର ସଭାପତି ରାମଚନ୍ଦ୍ର ସାହୁ, ବିକାଶ ମଞ୍ଚର କୋଷାଧକ୍ଷ ଗୌରୀ ଶଙ୍କର ମୁନ୍ଦୁଡା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ଲିଟିଲ୍ ମିଲେନିୟମ ସ୍କୁଲର ବାର୍ଷିକ ଉତ୍ସବ

**କେନ୍ଦୁଝର, ୨୪।୩ (ସ୍ୱ.ପ୍ର.)**

କେନ୍ଦୁଝର ସହରର ମାଧପୁର ଠାରେ ଥିବା ଲିଟିଲ୍ ମିଲେନିୟମ ପ୍ଲେ ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ ନଗରଭବନଠାରେ ରବିବାର ସନ୍ଧ୍ୟାରେ ଅଧକ୍ଷା ତଥା ସିଏଲଓ ରୂପାଲି ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ଓସ୍କାର ସମ୍ପାଦିକା ଧରିତ୍ରୀ ରାଉତ ଯୋଗଦେଇ ବିଦ୍ୟାଳୟର କୁନି କୁନି ଛାତ୍ରୀଛାତ୍ରଙ୍କୁ ଖେଳ କୌତୁକ ମାଧ୍ୟମରେ ଶିକ୍ଷା ପ୍ରଦାନ କରିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଚିକିତ୍ସା ନିର୍ଦ୍ଦେଶକ ଡାକ୍ତର ବିଜୟ କୁମାର ରାଉତ ଯୋଗ ଦେଇ ଗଳ୍ପ ମାଧ୍ୟମରେ ଶିଶୁମାନଙ୍କୁ ଶିକ୍ଷଣୀୟ କଥାବସ୍ତୁ ବର୍ଣ୍ଣନା କଲେ ତାହା ଶିକ୍ଷଣୀୟ ହେବା ସହିତ ପାଠ ପ୍ରତି ଶିଶୁମାନଙ୍କ ଆଗ୍ରହ ବୃଦ୍ଧି ପାଇବ ବୋଲି ମତବ୍ୟକ୍ତ କରିଥିଲେ। ପ୍ଲେ ସ୍କୁଲର ପରିଚାଳନା ନିର୍ଦ୍ଦେଶକ ରାଧାଗୋବିନ୍ଦ ପରିଡା ଲିଟିଲ ମିଲେନିୟମ ଗ୍ରୁପର ଏହି ଶାଖା ସହରରେ ଶିଶୁମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ବଦ୍ଧପରିକର ବୋଲି କହିବା ସହ ୨ରୁ ୬ବର୍ଷ ଶିଶୁମାନଙ୍କୁ ପ୍ଲେ, ନର୍ସରୀ, ଏଲ୍‌କେଜି, ୟୁକେଜିରେ ଗୁଣାତ୍ମକ ଓ କ୍ରୀଡା ମାଧ୍ୟମରେ ଶିକ୍ଷା ପ୍ରଦାନ କରାଯାଉଛି ବୋଲି ରାଧାଗୋବିନ୍ଦ ପରିଡା ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ଶକ୍ତିଧର ଦାସ ଯୋଗଦେଇ କୁନି କୁନି ଛାତ୍ରଛାତ୍ରୀମାନେ ଦେଶର ଭବିଷ୍ୟତ ବୋଲି ଅଭିହିତ କରିବା ସହ ସେମାନଙ୍କୁ ପ୍ରାରମ୍ଭରୁ ଉପଯୁକ୍ତ ଶିକ୍ଷା ପ୍ରଦାନ କରାଯାଇପାରିଲେ ସେମାନେ ସୁନାଗରିକ ହେବା ସହିତ ଦେଶ ଓ ଜାତିର ଉନ୍ନତି କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଲିଟିଲ ମିଲେନିୟମ ପ୍ଲେ ସ୍କୁଲରେ ଭାଷାଗତ ଶିକ୍ଷା, ବ୍ୟକ୍ତିଗତ ସଚେତନତା, କିକର୍ସ କ୍ଲବ, କ୍ରୀଡା କାର୍ଯ୍ୟକ୍ରମ, ଯୋଗ, ଚିତ୍ରକଳା, ସୁନ୍ଦର ହସ୍ତାକ୍ଷର ଏବଂ ଶିଶୁମାନଙ୍କୁ ବନ୍ଧୁତ୍ୱପୂର୍ଣ୍ଣ ଶୈକ୍ଷିକ ବାତାବରଣ ସୃଷ୍ଟି କରିବାରେ ସହାୟତା କରିବ ବୋଲି ପ୍ରିନ୍ସପାଲ ତଥା ସିଏଲଓ ରୂପାଲି ପରିଡା ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପ୍ଲେ ସ୍କୁଲର ଶିକ୍ଷୟିତ୍ରୀ ତଥା ଏଲଓ ଚିନ୍ମୟୀ ବେହେରା ଏବଂ ଅର୍ଚ୍ଚନା ସାହୁ ସଂଯୋଜନା କରିଥିବାବେଳେ କ୍ରିଷ୍ଣା ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




ଶିଶୁମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

# ରେଳବାଇ କ୍ଷେତ୍ରର ବିକାଶ ପାଇଁ ଦାବି

**କେନ୍ଦୁଝର, ୨୪।୩ (ସ୍ୱ.ପ୍ର.)**

ଖଣିଜପଥର ପରିବହନରେ ରେଳବାଇ ବିଭାଗକୁ ହଜାର ହଜାର କୋଟି ଟଙ୍କା ରାଜସ୍ୱ ଦେଇଆସୁଥିବା କେନ୍ଦୁଝର ଜିଲାକୁ ଅବହେଳା କରାଯାଉଥିବାରୁ ଅସନ୍ତୋଷ ବୃଦ୍ଧିପାଇବାରେ ଲାଗୁଛି । ଜିଲାରେ ରେଳବାଇ କ୍ଷେତ୍ରରେ ଭିତ୍ତିଭୂମିର ବିକାଶ ହୋଇପାରିଲେ ଖଣିଜପଥର ପରିବହନ ବୃଦ୍ଧି ପାଇବା ସହ କେନ୍ଦୁଝର ଜିଲା ଦେଇ ବିଭିନ୍ନ ରାଜ୍ୟକୁ ରେଳ ସଂଯୋଗ ହୋଇ ପାରିବ ବୋଲି ମତ ପ୍ରକାଶ ପାଉଛି । ଏଣୁ ଏନେଇ ପଦକ୍ଷେପ ନେବାକୁ କେନ୍ଦୁଝର ନାଗରିକ ମଞ୍ଚ ପକ୍ଷରୁ ଦାବି କରାଯାଇଛି ।

ଯଖପୁରା-ବାଂଶପାଣୀ-ଜାମସେଦପୁର ରେଳ ଲାଇନର ଦୋହରୀ କରଣ କରିବା ସହ ବିଦ୍ୟୁତକରଣ କରିବାକୁ ଦାବି ହୋଇଛି । ଏହା ଦ୍ୱାରା ବିଶେଷ କରି ଖଣିଜପଥର ପରିବହନରେ ସହାୟକ ହୋଇପାରିବ ବୋଲି ମତବ୍ୟକ୍ତ କରିଛନ୍ତି। କେନ୍ଦୁଝରରୁ ମୟୂରଭଞ୍ଜ ଜିଲା ବାଦମପାହାଡକୁ ରେଳ ସଂଯୋଗ କରାଗଲେ ଖଣିଜସମ୍ପଦ ଭରା ବାଦାମପାହାଡ, ଗୋରୁମହିଷାଣୀ, ସୁଲେଇପାଟ ଅଞ୍ଚଳକୁ ଖଣିଜପଥର ପରିବହନରେ ସହାୟକ ହୋଇପାରିବ। ୨୦୧୧ ମସିହାରୁ ଏହାର ସର୍ଭେ ଓ ବ୍ୟୟଅଟକଳ କରାଯାଇଥିଲେ ହେଁ କାର୍ଯ୍ୟକାରୀ ହେବାରେ ବିଳମ୍ବ ଘଟୁଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଏହା ଦ୍ୱାରା ଦିଲ୍ଲୀ, ମୁମ୍ବାଇ, କଲିକତା ଆଦି ଅଞ୍ଚଳକୁ ଯୋଗାଯୋଗର ବିକଳ୍ପ ଲାଇନ ସୃଷ୍ଟି ହୋଇପାରିବ ବୋଲି ମତ ପ୍ରକାଶ ପାଉଛି । ସେହିପରି ଝାଡ଼ଖଣ୍ଡ, ଓଡିଶା, ପଶ୍ଚିମବଙ୍ଗ ଆଦି ରାଜ୍ୟରେ କୋଇଲା, ଲୁହାପଥର ଓ ମାଙ୍ଗାନିଜ ଭଳି ଖଣିଜପଥର ବିଭିନ୍ନ ଶିଳ୍ପାଞ୍ଚଳକୁ ପରିବହନରେ ସହାୟକ ହୋଇ ପାରିବ ଏବଂ ଶିଳ୍ପାଞ୍ଚଳର ପ୍ରସ୍ତୁତ ସାମଗ୍ରୀ ପରିବହନ ହୋଇପାରିବ ବୋଲି ମତପ୍ରକାଶ ପାଉଛି । ବାଂଶପାଣିରୁ ବଡବିଲକୁ ଦୀର୍ଘ ପ୍ରାୟ ୮ କି.ମି. ରେଳ ସଂଯୋଗ କରାଗଲେ ସିଧାସଳଖ ଯାତାୟତ ସୁବିଧା ହୋଇ ପାରିବ । ସେହିପରି ବାଂଶପାଣି ଠାରୁ ବିମଳା ପର୍ଯ୍ୟନ୍ତ ରେଳ ସଂଯୋଗ କରାଯାଇପାରିଲେ ସିଧାସଳଖ ରାଉରକେଲା, ତାଳଚେର ଆଦିକୁ ରେଳ ସଂଯୋଗ ହୋଇ ପାରିବ ବୋଲି କୁହାଯାଇଛି। ହରିଚନ୍ଦନପୁରରୁ ଆନନ୍ଦପୁର ଦେଇ ଭଦ୍ରକକୁ ରେଳ ସଂଯୋଗ କରାଗଲେ ସିଧାସଳଖ ଖଣିଅଞ୍ଚଳରୁ ଧାମରା ବନ୍ଦରକୁ ଖଣିଜପଥର ପରିବହନ ସୁବିଧା ହୋଇ ପାରିବ ଏବଂ ଲୋକ ଯାତାୟତର ସୁବିଧା ପାଇପାରିବେ। ସେହିପରି ବାଦାମପାହାଡ-ବାଙ୍ଗିରୀପଶି-ବୁଢାମରା-ଚକୁଳିଆ ରେଳ ସଂଯୋଗ ହେଲେ ପଶ୍ଚିମବଙ୍ଗ ଶିଳ୍ପାଞ୍ଚଳକୁ ଯୋଗାଯୋଗ ହୋଇପାରିବ । ପ୍ରସ୍ତାବିତ ଅନୁଗୁଳ ରୁ ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ ଜିଲାଦେଇ ହିଜିଳି(ଖଡଗପୁର)କୁ ରେଳ ସଂଯୋଗ କାର୍ଯ୍ୟକାରୀ ହେଲେ ଖଣିଜପଥର ପରିବହନ ସହିତ ପଛୁଆ ଅଞ୍ଚଳର ବହୁ ଜିଲା ଉପକୃତ ହୋଇପାରିବ। ଉପରୋକ୍ତ ରେଳପଥ ବା ରେଳ ସଂଯୋଗୀକରଣ କରାଯାଇପାରିଲେ ଅନୁଗୁଳ-ତାଳଚେର-ରାଉରକେଲା-ଜାମସେଦପୁର-କଳିଙ୍ଗନଗର ଭଳି ଶିଳ୍ପାଞ୍ଚଳ ଚର୍ତୁଭୂଜ ଗଠନ ହୋଇପାରିବ ଏବଂ ଧାମରା, ହଳଦିଆ, ପାରାଦୀପ, ଗୋପାଳପୁର ଭଳି ବନ୍ଦର ସହିତ ସଂଯୋଗୀକରଣ ହୋଇପାରିବ ବୋଲି କିରଣ ଶଙ୍କର ସାହୁ, ସଭାପତି କେନ୍ଦୁଝର ନାଗରିକ ମଞ୍ଚ କହିଛନ୍ତି। ଏହା ଛଡା ଜିଲାରେ ଚାଲିଥିବା ଯାତ୍ରୀବାହୀ ପୁରୀ-(ରାଉରକେଲା)ଚକ୍ରଧରପୁର ଟ୍ରେନର ଯାତାୟତ ସମୟ ପରିବର୍ତ୍ତନ, କଲିକତା-ବଡବିଲ ଜନଶତାବ୍ଦୀ ଟ୍ରେନକୁ କେନ୍ଦୁଝର ପର୍ଯ୍ୟନ୍ତ ସଂପ୍ରସାରଣ କରାଗଲେ ବହୁ ଲୋକ ଉପକୃତ ହେବେ ଓ ରାଜସ୍ୱ ବୃଦ୍ଧି ପାଇବ । ଟାଟାନଗର- ବିଶାଖାପଟ୍ଟନମ ଟ୍ରେନକୁ ସବୁଦିନ ଚଳାଇବା, ରାଜଧାନୀ ରୁ ନୂଆଦିଲ୍ଲୀକୁ ଯିବାଆସିବା କରୁଥିବା କେତେକ ଟ୍ରେନକୁ କେନ୍ଦୁଝର ଦେଇ ଚଳାଚଳ କରାଇବା ଏବଂ ସମସ୍ତ ରେଳଷ୍ଟେଶନ ଗୁଡିକର ଉନ୍ନତିକରଣ କରି ଯାତ୍ରୀ ମାନଙ୍କ ସୁବିଧା ପାଇଁ ବ୍ୟବସ୍ଥା ଗ୍ରହଣ କରିବାକୁ ଦାବି ହୋଇଛି ।

## ସଂକ୍ଷେପରେ

### କେନ୍ଦ୍ରୀୟ ଅବହେଳାକୁ ସମାଲୋଚନା

**ପଦ୍ମପୁର, ୨୪।୩(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଏଡତାଳ ପଞ୍ଚାୟତର ପାବନ କ୍ଷେତ୍ର ପଡ଼ିଆରେ ଶନିବାର ସନ୍ଧ୍ୟାରେ ବିଜେଡି ତରଫରୁ 'ହକ୍ ମାଗୁଛି ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ୧୮ ନଂ ଜିଲା ପରିଷଦ ଜୋନର ୮ଟି ପଞ୍ଚାୟତର କର୍ମକର୍ତ୍ତା ଯୋଗ ଦେଇଥିଲେ। ଓଡ଼ିଶା ପ୍ରତି କେନ୍ଦ୍ରୀୟ ଅବହେଳାକୁ ସଭାରେ ସମାଲୋଚନା କରାଯାଇଥିଲା। ବ୍ଲକ ଯୁବ ବିଜେଡି ସଭାପତି ଅସିତ କୁମାର ଦାସ ଏଥିରେ ସଭାପତିତ୍ୱ କରିଥିଲେ। ଯୁବନେତା ବିଷ୍ଣୁବ୍ରତ ରାଉତରାୟ, ଜିଲା ପରିଷଦ ସଭ୍ୟା ମଞ୍ଜୁଲତା ବଳ, ଜିଲା ବିଜେଡି ଉପସଭାପତି ଦେବଦର୍ଶନ ଦାସ, ଏଡତାଳ ସରପଞ୍ଚ ଜୟକୃଷ୍ଣ ନାୟକ, ପଦ୍ମପୁର ସମିତି ସଭ୍ୟ ବନଜ କୁମାର ମହାପାତ୍ର, ଛାତ୍ର ସଭାପତି କାଳନ୍ଦୀ ସାହୁ, ଯୁବ ନେତା ପୃଥ୍ୱୀରାଜ ବିଶ୍ୱାଳ, ଉମାକାନ୍ତ ଦାସ, ହରେକୃଷ୍ଣ ଦତ୍ତ, ଅମରେନ୍ଦ୍ର ପଲାଇ, ରାଜକୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ।

### ଦଳ ଛାଡ଼ିଲେ ବହଳଦା ଅଞ୍ଚଳର ଭାଜପା କାର୍ଯ୍ୟକର୍ତ୍ତା

**ବହଳଦା,୨୪।୩(ଡି.ଏନ.ଏ.):** ମୟୂରଭଞ୍ଜ ଜିଲାର ପୂର୍ବରୁ ଥିବା ବହଳଦା ନିର୍ବାଚନ ମଣ୍ଡଳୀ ତଥା ବର୍ତ୍ତମାନର ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀର ଭାଜପାର କିଛି ଆଗଧାଡ଼ିର ନେତା ରବିବାର ସମସ୍ତ ପଦପଦବୀ ଓ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଜିଲା ଉପସଭାପତି ପ୍ରମୋଦ ଦାଶ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ପଙ୍କଜ ରାଉତ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ମହେଶ ଶର୍ମା, ବହଳଦା ପଞ୍ଚାୟତ ସମିତି ପୂର୍ବତନ ଅଧ୍ୟକ୍ଷ ଯଦୁରାମ ମୁର୍ମୁ, ଝରାଡ଼ିହି ମଣ୍ଡଳ ସଭାପତି ଦୀନବନ୍ଧୁ ମହାନ୍ତ, ଜିଲା କର୍ଯ୍ୟାକାରିଣୀ ସଦସ୍ୟ ଗଣେଶ ମିଶ୍ର ଏବଂ ମହିଳାମୋର୍ଚ୍ଚା ଜିଲା କାର୍ଯ୍ୟକାରିଣୀ ସଦସ୍ୟା ସୁଦେବୀ ବେହେରା। ଦୀର୍ଘ ୩୦ ବର୍ଷ ଧରି ଭାଜପା ସଂଗଠନକୁ ସୁଦୃଢ କରିବା ପାଇଁ ନିରବିଚ୍ଛିନ୍ନ ଭାବେ କାମ କରିବା ପରେ ପୁରୁଣା କର୍ମୀମାନଙ୍କୁ ଉପେକ୍ଷା ଓ ଅଣଦେଖା କରାଯାଉଛି ବୋଲି ଦଳ ଛାଡିଥିବା କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି।

### ବିଧାୟକଙ୍କ ବିରୋଧରେ ମୁହଁ ଖୋଲିଲେ କର୍ମୀ

**ଚାନ୍ଦବାଲି, ୨୪।୩ (ଡି.ଏନ.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ବିଜେଡିରେ ଗୋଟିଏ ଗୋଷ୍ଠୀ ସ୍ଥାନୀୟ ବିଧାୟକ ବ୍ୟୋମକେଶ ରାୟଙ୍କୁ ବିରୋଧ କରିବା ଘଟଣା ପଦାକୁ ଆସିଛି। ଶନିବାର ଏହି ଗୋଷ୍ଠୀ ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇ ଦଳୀୟ ସମସ୍ୟା ତଥା ବିଧାୟକଙ୍କ ସମ୍ପର୍କରେ ସେମାନେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି। ବାଲିଗାଁ ପଞ୍ଚାୟତର ପୂର୍ବତନ ବିଜେଡି ସଭାପତି ଗୋଲକ ବିହାରୀ ମହାନ୍ତି, ପ୍ରଫୁଲ୍ଲ ସାହୁ, ବଡ଼ଓସ୍ତିଆର ପୂର୍ବତନ ସରପଞ୍ଚ ସନ୍ତଚରଣ ନାୟକ, ତେନ୍ତୁଳିଡିହ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ସୁକାନ୍ତ ନାୟକ, ସୁକାନ୍ତ ମହାଲିକ, ଫକୀର ସାହୁ, ରତିକାନ୍ତ ସାହୁ, ଦଶରଥ ନାୟକ, କୀର୍ତ୍ତନ ସାହୁ, ଭାରତ ଭୂଷଣ ରାୟ, ବିଜୟ ନାୟକ ଓ ପ୍ରହ୍ଲାଦ ଦାସ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ। ସେମାନେ କହିଥିଲେ ଯେ, ଦୀର୍ଘବର୍ଷ ଧରି ଦଳର ସଂଗଠନ କାର୍ଯ୍ୟ କରିଆସୁଥିବା ଛାମୁଆ କର୍ମୀଙ୍କ ଜୀବନ ଆଜି ବିପଦରେ ପଡ଼ିଛି। ଚାନ୍ଦବାଲିର ପ୍ରଗତି ବାଧାପ୍ରାପ୍ତ ହେବା ସମ୍ପର୍କରେ ସେମାନେ ଅଭିଯୋଗ କଲେ ଧମକ ଚମକ ମିଳୁଛି। ଏ ସମ୍ପର୍କରେ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଚାନ୍ଦବାଲି ପାଇଁ ଜଣେ ଉପଯୁକ୍ତ ପ୍ରାର୍ଥୀ ଦେବା ସକାସେ ଦାବି ଜଣାଇଛନ୍ତି। ବିଧାୟକଙ୍କୁ ବିରୋଧ କରିଆସୁଥିବା ଗୋଷ୍ଠୀ ଏଠାରେ ମୁହଁ ଖୋଲିବା ଘଟଣାରୁ ଦଳର ଆଭ୍ୟନ୍ତରୀଣ କନ୍ଦଳ ପଦାରେ ପଡ଼ିଛି। ଏ ସମ୍ପର୍କରେ ବିଧାୟକ ରାୟଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ତାଙ୍କ ମତାମତ ମିଳିପାରି ନାହିଁ।

### ଭାଜପା ଛାଡ଼ିଲେ ବୃନ୍ଦାବନ

**ବଡସାହି,୨୪।୩(ସ୍ୱ.ପ୍ର.):** ଭାଜପା ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚା କୋଷାଧ୍ୟକ୍ଷ ବୃନ୍ଦାବନ ଦାସ ଦଳର ପଦବୀ ଓ ପ୍ରାଥମିକ ସଦସ୍ୟରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ଦଳ ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ନିକଟକୁ ପଠାଇଛନ୍ତି। ବୃନ୍ଦାବନ ବଡ଼ସାହି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଆଶାୟୀ ପ୍ରାର୍ଥୀ ଥିଲେ।

# ଜଳେଶ୍ୱର କଂଗ୍ରେସରେ ବିଦ୍ରୋହ ତେଜିଲା

- ଅସନ୍ତୁଷ୍ଟ ଗୋଷ୍ଠୀଙ୍କ ବୈଠକରେ ଚେତାବନୀ
- ପୁନର୍ବିଚାର କର ନଚେତ୍ ସ୍ୱାଧୀନ ପ୍ରାର୍ଥୀ ଦେବୁ

**ଜଳେଶ୍ୱର,୨୪।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲାର ୮ଟି ବିଧାନସଭା ଆସନ ମଧ୍ୟରୁ କଂଗ୍ରେସ ଜଳେଶ୍ୱର ଓ ନୀଳଗିରି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ଭାଜପା ଲୋକସଭା ଆସନ ଓ ଅନ୍ୟ ଦୁଇଟି ବିଧାନସଭା ଆସନ ବାଲେଶ୍ୱର ସଦର ଓ ରେମୁଣା ଲାଗି ପ୍ରାର୍ଥୀ ଘୋଷଣା କରିଛି। ଶାସକ ବିଜେଡି ଜିଲାର କୌଣସି ଆସନ ପାଇଁ ଏଯାଏ ପ୍ରାର୍ଥୀ ଘୋଷଣା କରିନାହିଁ। କଂଗ୍ରେସ ଦୁଇଟି ଆସନ ସକାଶେ ପ୍ରାର୍ଥୀ ଘୋଷଣା ପରେ ଦଳୀୟ ସଙ୍ଗଠନରେ ବିଦ୍ରୋହ ତେଜିଛି। ଜଳେଶ୍ୱର ବିଧାନସଭା ନିର୍ବାଚନ ମଣ୍ଡଳୀ ସକାଶେ ପିସିସିର ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସଙ୍କୁ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିଥିବାରୁ ଅନ୍ୟ ଆଶାୟୀଙ୍କ ସମର୍ଥକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ରବିବାର ପୂର୍ବାହ୍ନରେ ଜଳେଶ୍ୱର ବ୍ଲକ ରାଜପୁର ପଞ୍ଚାୟତ ବାଘାବାଳି ଗ୍ରାମରେ କଂଗ୍ରେସର ଅସନ୍ତୁଷ୍ଟ ନେତୃବୃନ୍ଦ ଓ କର୍ମୀମାନେ ଏକଜୁଟ୍ ହୋଇ ବୈଠକ କରିଥିଲେ। ସ୍ଥାନୀୟ ପ୍ରାର୍ଥୀଙ୍କୁ ଉପେକ୍ଷା କରି ଅନ୍ୟ ଜିଲାର ପ୍ରାର୍ଥୀଙ୍କୁ ଏଠାରେ କିଭଳି ଟିକେଟ ଦିଆଗଲା ସେନେଇ ପୁରୁଖା କର୍ମୀମାନେ ପ୍ରଶ୍ନ ଉଠାଇଥିଲେ। ଦଳ ପକ୍ଷରୁ ଦିଆଯାଇଥିବା ପ୍ରାର୍ଥୀ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ଭୋଟର ନୁହନ୍ତି କି ବାଲେଶ୍ୱର ଜିଲାର ବାସିନ୍ଦା ନୁହନ୍ତି। ଆଗାମୀ ୩ ଦିନ ମଧ୍ୟରେ କଂଗ୍ରେସ ନେତୃତ୍ୱ ପ୍ରାର୍ଥୀ ଘୋଷଣା ନିଷ୍ପତ୍ତିର ପୁନର୍ବିଚାର କରା ନ ଗଲେ ଅସନ୍ତୁଷ୍ଟ ଗୋଷ୍ଠୀ ଏଠାରୁ ସ୍ୱାଧୀନ ପ୍ରାର୍ଥୀ ଦେବେ ବୋଲି ବୈଠକରେ ଚେତାବନୀ ଦେଇଥିଲେ।



କଂଗ୍ରେସ ଅସନ୍ତୁଷ୍ଟ ଗୋଷ୍ଠୀଙ୍କ ବୈଠକ।

ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଜିଲା କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ତପନ ଦାସ କହିଥିଲେ, ବାହାର ଅଞ୍ଚଳର ଜଣେ ନେତାଙ୍କୁ ଏଠାରୁ କାହିଁକି ପ୍ରାର୍ଥୀ କରାଯାଇଛି, ସେନେଇ ଦଳର ନେତୃବୃନ୍ଦଙ୍କୁ ଉତ୍ତର ଦେବାକୁ ପଡ଼ିବ । ରାଜପୁର ସମିତିସଭ୍ୟ ମଧୁସୂଦନ ଦାସ ବୈଠକରେ ଅନୁରୂପ ପ୍ରତିକ୍ରିୟା ବ୍ୟକ୍ତ କରିଥିଲେ। କଂଗ୍ରେସର ଗଡ଼ ଭାବେ ପରିଚିତ ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ସକାଶେ ଦଳର ପୁରୁଣା ସଂଗଠକ ଓ ନେତୃବୃନ୍ଦଙ୍କୁ ଟିକେଟ ମିଳୁ ବୋଲି କର୍ମୀମାନେ ସମ୍ମିଳିତ ଦାବି କରିଥିଲେ। ସଭାରେ ପୂର୍ବତନ ସରପଞ୍ଚ ତଥା ଆଇନଜୀବୀ ପ୍ରଶାନ୍ତ ପ୍ରଧାନ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଉନ୍ କଂଗ୍ରେସ ସଭାପତି ରିୟାଜ ଖାଁ, ବିଭୁରେନ୍ଦ୍ର ଦେ, ଗିରିଜା ଜେନା, ସନାତନ ପାଳ, ସୁଶାନ୍ତ ପ୍ରଧାନ, ଉମାଶଙ୍କର ମହାପାତ୍ର, ସପନ ଜେନା, ମନୋଜ ଭୂୟାଁ, ସୁଧାଂଶୁ ଜେନା, ଚନ୍ଦନ ମଣ୍ଡଳ, ସୁଶୀଲ ପରିଡ଼ା, ଜୟନ୍ତ ମହାପାତ୍ର, ବସନ୍ତ ନାୟକ, ଆକବର ଖାନ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଅସନ୍ତୁଷ୍ଟ ଗୋଷ୍ଠୀଙ୍କ ବୈଠକ ଓ ଅଭିଯୋଗ ସମ୍ପର୍କରେ କଂଗ୍ରେସ ପ୍ରାର୍ଥୀ ସୁଦର୍ଶନଙ୍କୁ ପଚାରିବାରୁ ସେ କହିଲେ, ଦଳ ତାଙ୍କୁ ଏଠାରେ ଟିକେଟ ଦେଇଛି। ଦଳକୁ ଆନ୍ତରିକ ଭାବେ ଭଲ ପାଉଥିବା କର୍ମୀ ଓ ନେତା ଏହି ନିଷ୍ପତ୍ତିକୁ ସମ୍ମାନ ଦେବା ଉଚିତ୍। ତାଙ୍କ ପ୍ରାର୍ଥିତ୍ୱକୁ ଦଳ ପକ୍ଷରୁ ସ୍ୱାଗତ କରାଯାଇଛି। ସେ ବାହାର ଜିଲାର ପ୍ରାର୍ଥୀ ନୁହନ୍ତି। ଜଳେଶ୍ୱର ନିର୍ବାଚନମଣ୍ଡଳୀ ଅଧୀନ ସନ୍ତୋଷପୁର ପଞ୍ଚାୟତର ଫେଙ୍ଗଡିହା ଗ୍ରାମର ଭୋଟର ତାଲିକାରେ ତାଙ୍କ ନାମ ଅଛି। ତାଙ୍କ ବାପା ଚୈତନ୍ୟ ଦାସ ଏବଂ ଜେଜେବାପା ଯଜ୍ଞେଶ୍ୱର ଦାସ ଫେଙ୍ଗଡିହାର ମୂଳ ବାସିନ୍ଦା। ଏ ଦୃଷ୍ଟିରୁ ତାଙ୍କୁ ବାହାର ଜିଲାର ପ୍ରାର୍ଥୀ କୁହାଯିବା ଠିକ୍ ନୁହେଁ। ତେବେ ଅସନ୍ତୋଷ ଗୋଷ୍ଠୀକୁ ମନାଇବା ପାଇଁ ଉଦ୍ୟମ କରାଯିବ ବୋଲି ସେ କହିଛନ୍ତି।

## 'ହକ୍ ମାଗୁଛି ଓଡ଼ିଶା' କାର୍ଯ୍ୟକ୍ରମ

**ବନ୍ତ,୨୪।୩(ଡି.ଏନ୍.ଏ.) :** ଗୁରୁବାର ଭଦ୍ରକ ଜିଲା ବନ୍ତ ବ୍ଲକ ୧୬ନଂ.ଜୋନ୍ ଅଧୀନ କେନ୍ଦୁଆପଦାଠାରେ ବନ୍ତ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ 'ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଥିଲା। ବ୍ଲକ ଛାତ୍ର ବିଜେଡି ସଭାପତି ପ୍ରଣବ କିଶୋର ଲେଙ୍କା ଏଥିରେ ସଭାପତିତ୍ୱ କରିଥିଲେ। ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବ୍ଲକ ବିଜେଡି ସଭାପତି କମଳାକାନ୍ତ ସାହୁ, ଜିଲା ପରିଷଦ ସଭ୍ୟ ପ୍ରଶାନ୍ତ ଦାଶ, ରବୀନ୍ଦ୍ର ଦାସ, ବ୍ଲକ ଯୁବ ବିଜେଡି ସଭାପତି ସତ୍ୟସାଧନ ବେଜ ପ୍ରମୁଖ ଯୋଗଦେଇ ରାଜ୍ୟ ପ୍ରତି କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବକୁ ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀଙ୍କ ପ୍ରତିନିଧି ଜିତେନ୍ଦ୍ର କୁମାର ନାୟକ, ରାଜ୍ୟ ଛାତ୍ର ବିଜେଡି ସାଧାରଣ ସମ୍ପାଦକ ଚିନ୍ମୟ ଦାସ, ଜିଲା ଛାତ୍ର ବିଜେଡି ଉପସଭାପତି ହୃଦୟ ରଞ୍ଜନ ମହାପାତ୍ର, ସମିତି ସଭ୍ୟ ରବୀନ୍ଦ୍ର ଧଳ, ବିଜୟ କୁମାର ଖଟୁଆ, ସରପଞ୍ଚ ଅଶୋକ କୁମାର ମହାନ୍ତି, ଯୁବନେତା ସମିମ୍ ନୱାଜ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# କଂଗ୍ରେସର ମିଶ୍ରଣ ପର୍ବ



ମିଶ୍ରଣ ପର୍ବରେ ଭାଜପା ଏବଂ ବିଜେଡି ଦଳରୁ ଯୋଗ ଦେଇଥିବା ବ୍ୟକ୍ତିମାନେ।

**ଢେଙ୍କିକୋଟ, ୨୪।୩(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଘସିପୁରା ନିର୍ବାଚନ ମଣ୍ଡଳି ୮ନଂ ଜୋନ ଢେଙ୍କିକୋଟ ନିକଟସ୍ଥ ଚିକିଣିଆ ଜିଲା ପାର୍କଠାରେ ରବିବାର ପୂର୍ବାହ୍ନରେ ଜାତୀୟ କଂଗ୍ରେସ ଦଳର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ପର୍ବକୁ ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ଗୋବର୍ଦ୍ଧନ ବେହେରା ଆୟୋଜନ କରିଥିବାବେଳେ ଏହାକୁ ପରିଚାଳନା କରିଥିଲେ ୮ନଂ ଜୋନ୍ ସଭାପତି ରାମଚନ୍ଦ୍ର ସାହୁ। ଏହି ମିଶ୍ରଣ ପର୍ବରେ ପଣ୍ଡାପଡ଼ା ଜୋନ୍ ଏବଂ ଘଟଗାଁ ଜୋନ୍‌ର ବିଜେଡି ଓ ଭାଜପା ଏବଂ ସନା ସେନାର ଏକହଜାରରୁ ଉର୍ଦ୍ଧ୍ୱ ଅସନ୍ତୁଷ୍ଟ ବରିଷ୍ଠ ଓ ରାଜନୈତିକ କର୍ମୀ କଂଗ୍ରେସ ଦଳର ସୁପ୍ରିମୋ ରାହୁଲ ଗାନ୍ଧିଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଶାସକ ଦଳ ଛାଡ଼ି କଂଗ୍ରେସ ଦଳ ସହ ହାତ ମିଳାଇଛନ୍ତି। ନିକଟ ଅତୀତରେ ଘସିପୁରା ନିର୍ବାଚନ ମଣ୍ଡଳୀର ମନ୍ତ୍ରୀ ତଥା ବିଧାୟକ ବଦ୍ରୀ ପାତ୍ରଙ୍କ ଡାହାଣ ହାତ କୁହାଯାଉଥିବା ପ୍ରଭାକର ନାୟକ ଦଳ ଛାଡ଼ି କଂଗ୍ରେସ ଦଳରେ ଯୋଗ ଦେଇ ଦଳର ସଂଗଠନ ଦାୟିତ୍ୱ ବହନ କରିଛନ୍ତି। ଆଗାମୀ ଦିନରେ ଢେଙ୍କିକୋଟ ପଣ୍ଡାପଡ଼ା ଓ ଘଟଗାଁ ଜୋନ୍‌ର ସମସ୍ତ ବିଜେଡି କର୍ମୀ କଂଗ୍ରେସ ଦଳରେ ସାମିଲ କରିବାରେ ସଫଳ ହୋଇଛନ୍ତି। ଆଗାମୀ ଦିନରେ ଢେଙ୍କିକୋଟ ପଣ୍ଡାପଡ଼ା ଓ ଘଟଗାଁ ଜୋନର ସମସ୍ତ ବିଜେଡି କର୍ମୀ ଓ କଂଗ୍ରେସ ଦଳରେ ସାମିଲ ହେବେ ବୋଲି କୁହାଯାଇଛି। ଏହି ମିଶ୍ରଣ ପର୍ବ ନିମନ୍ତେ ଆୟୋଜିତ ସଭାରେ ସଭାପତିତ୍ୱ କରିଥିଲେ ଜିଲା ସାଧାରଣ ସମ୍ପାଦକ ଗୋବର୍ଦ୍ଧନ ବେହେରା। ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ମୁଖ୍ୟବକ୍ତା ଭାବେ ଜିଲା କଂଗ୍ରେସ ସଭାପତି ମୋହନ ଚରଣ ପରିଡ଼ା, ସମ୍ମାନନୀୟ ଅତିଥି ଭାବେ ଜିଲା କାର୍ଯ୍ୟକାରିଣୀ ସଭାପତି ରତିକାନ୍ତ ବରାଳ, ଜିଲା ସାଧାରଣ ସମ୍ପାଦକ ଲୁଲୁ ଜେନା, ପ୍ରବୀଣ ଦଣ୍ଡପାଟ ପ୍ରମୁଖ ତାଙ୍କୁ ଫୁଲତୋଡ଼ା ଓ ଉପଢ଼ୌକନ ଦେଇ ପୂର୍ବତନ ପିସିସି ସଭାପତି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଦଳରେ ସାମିଲ କରିଛନ୍ତି। ଅପରାହ୍ନ ୪ଟାବେଳେ ସଭାକାର୍ଯ୍ୟ ଶେଷ ହୋଇଛି।

## ଆଶାୟୀ ଅଧିକ, ପ୍ରାର୍ଥୀ ଚୟନ ବିଳମ୍ବିତ

**କେନ୍ଦୁଝର, ୨୪।୩ (ସ୍ୱ.ପ୍ର.)**

କେନ୍ଦୁଝର ଜିଲାର ୬ ବିଧାନସଭା ଓ ୧ ଲୋକ ସଭା ନିର୍ବାଚନ ମଣ୍ଡଳୀ ଲାଗି ପ୍ରାର୍ଥୀ ଚୟନ କ୍ଷେତ୍ରରେ ବିଜେଡି ପଛରେ ପଡିବା ନେଇ ଚର୍ଚ୍ଚା ଲାଗି ରହିଛି। ଆଶାୟୀଙ୍କ ସଂଖ୍ୟା ଅଧିକ ଥିବାରୁ ପ୍ରାର୍ଥୀ ଚୟନ କରିବାରେ ବିଳମ୍ବ ଘଟିଥିବା କୁହାଯାଉଛି । ଗୋଟିଏ ବା ଦୁଇଟି ଆସନକୁ ଛାଡ଼ିଦେଲେ ଅନ୍ୟ ନିର୍ବାଚନ ମଣ୍ଡଳୀରେ ନୂତନ ବ୍ୟକ୍ତିକୁ ପ୍ରାର୍ଥୀ କରାଯାଇ ପାରେ ବୋଲି ଆଲୋଚନା ହେଉଛି। ଅନ୍ୟପକ୍ଷରେ ଚମ୍ପୁଆର ସ୍ୱାଧୀନ ବିଧାୟକ ସନାତନ ମହାକୁଡ଼ ଏଥର ସ୍ୱାଧୀନ ଭାବେ ଠିଆ ହେବେ କି ନାହିଁ ସ୍ପଷ୍ଟ ହୋଇ ନ ଥିବାରୁ ଏ ନେଇ ନାନା କଳ୍ପନା ଜଳ୍ପନା ପ୍ରକାଶ ପାଇଛି । ଗତ ନିର୍ବାଚନରେ ତାଙ୍କୁ ଜିତାଇବା ପାଇଁ ଶାସକ ଦଳ ପକ୍ଷରୁ ଦୁର୍ବଳ ପ୍ରାର୍ଥୀ ଦିଆଯିବା ଘଟଣା ଚର୍ଚ୍ଚାକୁ ଆସିଥିଲା।

### ଭାଜପାରେ ବିଦ୍ରୋହର ସ୍ୱର

## ପୁନର୍ବିଚାର ନ ହେଲେ ସମୂହ ଇସ୍ତଫା

**ଭଦ୍ରକ ଅଫିସ,୨୪।୩:** ଭଦ୍ରକ ଜିଲା ବାସୁଦେବପୁର ଭାଜପାରେ ବିଦ୍ରୋହର ସ୍ୱର ଉଠିଛି। ପ୍ରାର୍ଥୀଙ୍କ ନାମ ଘୋଷଣା ପରେ ଦଳର ମୂଳ ସଂଗଠକଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ କରି ଏହାର ପ୍ରତିବାଦରେ ସ୍ଥାନୀୟ ନେତା ଓ କର୍ମୀମାନେ ସମୂହ ଇସ୍ତଫା ଧମକ ଦେଇଛନ୍ତି। ବାସୁଦେବପୁର ବିଧାନ ସଭା ଆସନ ସକାଶେ ଦଳ ପକ୍ଷରୁ ଗତ କିଛି ମାସ ପୂର୍ବେ କଂଗ୍ରେସ ଛାଡି ଭାଜପାରେ ମିଶିଥିବା ମାଧବାନନ୍ଦ ମଲିକଙ୍କୁ ପ୍ରାର୍ଥୀ କରାଯାଇଛି। ଗତ ୨୧ ତାରିଖରେ ଏହି ଘୋଷଣା ହେବା ପରେ ଉକ୍ତ ଆସନ ଲାଗି ଆଶାୟୀ ଥିବା ପ୍ରାର୍ଥୀ ଦୀନବନ୍ଧୁ ପତିଙ୍କ ସମର୍ଥକମାନେ ଜିଲା ଭାଜପା କାର୍ଯ୍ୟାଳୟ ସମ୍ମୁଖରେ ହୋ ହାଲ୍ଲା କରିବା ସହ ପ୍ରତିବାଦ ଜଣାଇଛନ୍ତି। ମଣ୍ଡଳ ସଭାପତି ପ୍ରଦୀପ କୁମାର ମହାନ୍ତି, ସନ୍ତୋଷ ମହାରଣା, ମନୋଜ କୁମାର ରାଉତ, ତୁଷାରକାନ୍ତ ରଥ, ସଞ୍ଜୟ କୁମାର ପାତ୍ର, ମୁକ୍ତିକାନ୍ତ ନାୟକ, ଉପେନ୍ଦ୍ର ଦଳେଇ, ବିଶ୍ୱଜିତ ବେହେରାଙ୍କ ନେତୃତ୍ୱରେ ଶତାଧିକ କାର୍ଯ୍ୟକର୍ତ୍ତା ଓ ନେତୃବୃନ୍ଦ ଶୋଭାଯାତ୍ରାରେ ଆସି ଜିଲା କାର୍ଯ୍ୟାଳୟରେ ପହଞ୍ଚି ଏନେଇ ଦାବିପତ୍ର ପ୍ରଦାନ କରିଥିଲେ। ଜିଲା ସଭାପତିଙ୍କ ଅନୁପସ୍ଥିତିରେ କାର୍ଯ୍ୟାଳୟରେ ଉପସ୍ଥିତ ଥିବା ଜିଲା ସାଧାରଣ ସମ୍ପାଦକ ଶରତ ପଡିଆରୀ ସେମାନଙ୍କ ଠାରୁ ଦାବିପତ୍ର ଗ୍ରହଣ କରିଥିଲେ। ଦଳ ପକ୍ଷରୁ ନିଷ୍ପତ୍ତିର ପୁର୍ନବିଚାର କରା ନଗଲେ ସେମାନେ ଇସ୍ତଫା ଦେବାକୁ ବାଧ୍ୟ ହେବେ ବୋଲି କଡା ଚେତାବନୀ ଦେଇଛନ୍ତି।

### ଚମ୍ପୁଆ ଆସନ ଉପରେ ସମସ୍ତଙ୍କ ନଜର

## ପ୍ରାର୍ଥୀ ଘୋଷଣା ବିଳମ୍ବ ନେଇ ଉତ୍କଣ୍ଠା

**କେନ୍ଦୁଝର, ୨୪।୩ (ସ୍ୱ.ପ୍ର.)**

କେନ୍ଦୁଝର ଜିଲାର ବିତ୍ତଶାଳୀ ଇଲାକା ଭାବେ ଚମ୍ପୁଆ ବିଧାନସଭା ନିର୍ବାଚନ ମଣ୍ଡଳୀ ପରିଗଣିତ ହୋଇଆସୁଛି। ନିର୍ବାଚନବେଳେ ଖଣିଖାଦାନ ଓ ଶିଳ୍ପ ସମୃଦ୍ଧ ଏହି ନିର୍ବାଚନ ମଣ୍ଡଳୀ ହାତେଇବାକୁ ସବୁ ଦଳ ଉଦ୍ୟମ କରିଥାନ୍ତି। ଅଦ୍ୟାବଧି ନିର୍ବାଚନ ମଣ୍ଡଳୀ ସକାଶେ ଏକମାତ୍ର କଂଗ୍ରେସ ପ୍ରାର୍ଥୀ ଘୋଷଣା କରିଛି। ଅନ୍ୟ ଦୁଇ ପ୍ରମୁଖ ଦଳ ଭାଜପା ଓ ବିଜେଡି କାହାକୁ ପ୍ରାର୍ଥୀ ଦେବେ ଘୋଷଣା କରି ନାହାନ୍ତି। ଏନେଇ ନାନା ଚର୍ଚ୍ଚା ଜୋର ଧରିଛି। କ୍ରମାଗତ ଦୁଇଟି ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଚମ୍ପୁଆ ନିର୍ବାଚନ ମଣ୍ଡଳୀରୁ ବିଧାନସଭାକୁ ନିର୍ବାଚିତ ହୋଇଆସିଛନ୍ତି। ୨୦୧୪ ନିର୍ବାଚନ ଲଢ଼ି ବିଜୟ ହାସଲ କରିଥିବା ସ୍ୱାଧୀନ ବିଧାୟକ ସନାତନ ମହାକୁଡ ଏଥର ପ୍ରାର୍ଥୀ ହେବେ କି ନାହିଁ ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ।

କେନ୍ଦୁଝର ଜିଲାରେ ୬ଟି ବିଧାନସଭା ଆସନ ରହିଛି। ତନ୍ମଧ୍ୟରୁ ଭାଜପା ୫ଟି ଆସନରୁ ପ୍ରାର୍ଥୀ ଘୋଷଣା କରିଥିବାବେଳେ ଏକମାତ୍ର ଚମ୍ପୁଆ ଆସନକୁ ଝୁଲାଇ ରଖିଛି। କଂଗ୍ରେସ ଜିଲାର ଚମ୍ପୁଆ ସମେତ ୩ଟି ବିଧାନସଭା ଆସନ ସକାଶେ ପ୍ରଥମ ପର୍ଯ୍ୟାୟରେ ପ୍ରାର୍ଥୀ ଦେଇଛି। ଚମ୍ପୁଆ ଆସନ ଲାଗି ଯଦୁମଣୀ ବାରିକଙ୍କୁ କଂଗ୍ରେସ ଟିକେଟ ମିଳିଛି।



ଏହି ଆସନ ପାଇଁ ଭାଜପାରୁ ମୁରଲୀ ମନୋହର ଶର୍ମା, ମିତ୍ରଭାନୁ ମହାକୁଡ଼, ଶ୍ରୀମନ୍ତ ତ୍ରିପାଠୀ, ଅଗନୁ ଚରଣ ମହାନ୍ତ ପ୍ରମୁଖ ଟିକେଟ ଆଶାୟୀ ରହିଥିବା ଚର୍ଚ୍ଚା ହେଉଛି। ପୂର୍ବରୁ ଦଳରୁ ନିଲମ୍ବିତ ହୋଇ ବିଜେଡିକୁ ଫେରିଥିବା କୁଶ ଆପଟ୍ଟ ଦଳୀୟ ଟିକେଟ ପାଇବା ପାଇଁ ଆଶାୟୀ ଥିବାବେଳେ ସ୍ୱାଧୀନ ବିଧାୟକ ସନାତନ ମହାକୁଡ ମଧ୍ୟ ଟିକେଟ ପ୍ରତ୍ୟାଶୀ ଥିବା ସେମାନଙ୍କ ସମର୍ଥକ ମାନେ କହୁଛନ୍ତି। କଂଗ୍ରେସର ଜଣେ ଆଶାୟୀ ପ୍ରାର୍ଥୀ ଟିକେଟ ପାଇବାରୁ ବଞ୍ଚିତ ହେବାରୁ ସେ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିପାରନ୍ତି ବୋଲି କୁହାଯାଉଛି। ଭାଜପା ଓ ବିଜେଡି ଏହି ଆସନରୁ କାହାକୁ ପ୍ରାର୍ଥୀ କରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି। ଟିକେଟ ଘୋଷଣା ବିଳମ୍ବ ହେବା ସମ୍ପର୍କରେ ଜିଲା ଯୁବ ବିଜେଡି ସମ୍ପାଦକ ସୁଶାନ୍ତ କୁମାର ବାରିକଙ୍କୁ ପଚାରିବାରୁ କହିଥିଲେ, ଦଳ ପକ୍ଷରୁ ପର୍ଯ୍ୟାୟକ୍ରମେ ପ୍ରାର୍ଥୀ ଘୋଷଣା କରାଯାଉଛି। ଚମ୍ପୁଆ ଆସନ ପାଇଁ ଯଥା ସମୟରେ ପ୍ରାର୍ଥୀ ଦିଆଯିବ। ସେହିପରି ଭାଜପା ମଣ୍ଡଳ ସଭାପତି ସନ୍ତୋଷ କୁମାର ସାହୁ ଅନୁରୂପ ମତବ୍ୟକ୍ତ କରି କହିଛନ୍ତି ଦଳ ପକ୍ଷରୁ ଦୁଇ ଜଣ ପ୍ରାର୍ଥୀଙ୍କ ନାମ ଦିଲ୍ଲୀ ପଠାଯାଇଛି। ସେଠାରୁ ସଙ୍କେତ ମିଳିବା ପରେ ପ୍ରାର୍ଥୀ ଘୋଷଣା କରାଯିବ।

## ଭାଜପା ଛାଡ଼ିଲେ ବ୍ଲକ ଅଧ୍ୟକ୍ଷା, ଜିଲାପରିଷଦ ସଦସ୍ୟା

**ସଜନାଗଡ଼, ୨୪।୩(ଡି.ଏନ.ଏ.)**

ଭାଜପା ସମର୍ଥନରେ ବ୍ଲକ ଅଧ୍ୟକ୍ଷା ଜାନକୀ ସିଂ, ଜିଲାପରିଷଦ ସଦସ୍ୟା ରଞ୍ଜିତା ସିଂଙ୍କ ସମେତ ୪୩ ନିର୍ବାଚିତ ସଦସ୍ୟ ଓ ୨୫୦ କର୍ମୀ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫାପତ୍ର ମାଧ୍ୟମରେ ରାଜ୍ୟ ଭାଜପା ସଭାପତିଙ୍କୁ ପ୍ରଦାନ କରିଛନ୍ତି। ସନ୍ତୋଷ ଖଟୁଆଙ୍କୁ ସମର୍ଥନ ଜଣାଇ ଜିଲା ପରିଷଦ ସଦସ୍ୟା ଇସ୍ତଫା ଦେଇଛନ୍ତି। ସୂଚନାନୁଯାୟୀ ପୂର୍ବରୁ ୫ଜଣ ମଣ୍ଡଳ ସଭାପତି ଏବଂ ବରିଷ୍ଠ ନେତା ସନ୍ତୋଷ ଖଟୁଆଙ୍କୁ ଦଳ ବିରୋଧୀ କାର୍ଯ୍ୟକ୍ରମ ପାଇଁ ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡା ନିଲମ୍ବିତ କରିଥିଲେ। ରବିବାର ସନ୍ତୋଷଙ୍କ ସମେତ ଅନ୍ୟ ଶତାଧିକ କର୍ମୀ ଦଳରୁ ବିଧିବଦ୍ଧ ଭାବେ ଇସ୍ତଫା ଦେଇଛନ୍ତି। ଏ ସମ୍ପର୍କରେ ଏମ୍‌ପି ପାର୍ଥୀ ପ୍ରତାପ ଷଡ଼ଙ୍ଗୀ କହିଛନ୍ତି ଯେ, ନୀଳଗିରି କିମ୍ବା ଜିଲା ଭାଜପା ରାଜନୀତିରେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ।



ଭାଜପା ଛାଡ଼ିଥିବା ଶତାଧିକ କର୍ମୀ।

# ପ୍ରିଜାଇଡିଂ, ପୋଲିଂ ଅଫିସରଙ୍କୁ ତାଲିମ

**ବାଲେଶ୍ୱର ଅଫିସ, ୨୪।୩**

ବାଲେଶ୍ୱର ଜିଲାର ସମସ୍ତ ବ୍ଲକରେ ସାଧାରଣ ନିର୍ବାଚନରେ ନିୟୋଜିତ ହେବାକୁ ଥିବା ପ୍ରିଜାଇଡିଂ ଏବଂ ପ୍ରଥମ ପୋଲିଂ ଅଫିସରଙ୍କ ଦ୍ୱିତୀୟ ପର୍ଯ୍ୟାୟ ତାଲିମ ଶନିବାର ଆରମ୍ଭ ହୋଇଛି। ଏହା ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତି ବ୍ଲକର ୨ଟି ସ୍ଥାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଥିବାବେଳେ ପ୍ରତି ବ୍ୟାଚ୍‌ରେ ୫୦ଜଣ ଲେଖାଏ ଅଫିସରଙ୍କୁ ତାଲିମ ପ୍ରଦାନ କରାଯିବ। ମୋଟ୍ ୪୫୩୬ଜଣଙ୍କୁ ଏଥିରେ ସାମିଲ କରାଯାଇଛି। ଜିଲାସ୍ତରୀୟ ମାଷ୍ଟର ଟ୍ରେନରମାନେ ଏହି ତାଲିମ ନିମନ୍ତେ ନିୟୋଜିତ ହୋଇଛନ୍ତି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଜିଲା ନିର୍ବାଚନ କାର୍ଯ୍ୟାଳୟ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ନିର୍ବାଚନ ଖସଡ଼ା, ନିର୍ବାଚନ ପରିଚାଳନା, ଭୋଟ୍ ଗ୍ରହଣ ସମୟରେ ସତର୍କତା, ଇଭିଏମ-ଭିଭିପାଟ ମେଶିନର ଠିକ ବ୍ୟବହାର, ବିଭିନ୍ନ ପ୍ରକାର ଫର୍ମର ଉପଯୋଗିତା ଆଦି ସମ୍ପର୍କରେ ଅଧିକାରୀମାନଙ୍କୁ ତାଲିମ ଦିଆଯିବା ଲକ୍ଷ୍ୟ ରହିଛି।



ଦ୍ୱିତୀୟ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମରେ ଅଧିକାରୀମାନେ।

ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ରମେଶ ଚନ୍ଦ୍ର ରାଉତ ଏହି ତାଲିମ କାର୍ଯ୍ୟକ୍ରମ ପ୍ରିଜାଇଡିଂ ଓ ପ୍ରଥମ ପୋଲିଂ ଅଫିସରମାନଙ୍କ ନିମନ୍ତେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି। ଜାନୁୟାରୀ ମାସରେ ଏହାର ପ୍ରଥମ ପର୍ଯ୍ୟାୟ ଟ୍ରେନିଂ ଅନୁଷ୍ଠିତ ହୋଇଥିବା ବେଳେ ଆଗକୁ ତୃତୀୟ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ସୂଚନା ମିଳିଛି। ଏହାର ତଦାରଖ ପାଇଁ ରାଜ୍ୟସ୍ତରୀୟ ପର୍ଯ୍ୟବେକ୍ଷକ ଭାବେ ମନ୍ମଥ କୁମାର ପାଣି ଏବଂ ଆଶୁତୋଷ ସାମଲ ଆସିବା ସହିତ ସମସ୍ତ କାର୍ଯ୍ୟକ୍ରମର ଅନୁଧ୍ୟାନ କରିଛନ୍ତି। ଏହି ତାଲିମ କାର୍ଯ୍ୟକ୍ରମ ମୁଖ୍ୟତଃ ସାଧାରଣ ନିର୍ବାଚନ ସଂକ୍ରାନ୍ତରେ ରହିଥିବା ବିଭିନ୍ନ ସନ୍ଦେହକୁ ଦୂର କରିପାରିବ ବୋଲି ସହକାରୀ ଜିଲାପାଳ ତଥା ଉପନିର୍ବାଚନ ଅଧିକାରୀ ମନୋଜ ସେନାପତି କହିଛନ୍ତି।

## ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ିବି : ବିଧାନ

**ବାଲେଶ୍ୱର ଅଫିସ, ୨୪।୩:** ବାଲେଶ୍ୱର ଜିଲା ରେମୁଣା ନିର୍ବାଚନମଣ୍ଡଳୀ କଂଗ୍ରେସ ଦଳର ବରିଷ୍ଠ ନେତା ତଥା ସଙ୍ଗଠକ ବିଧାନ ଚନ୍ଦ୍ର ଜେନା ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଏକ ପ୍ରେସ୍ ବିବୃତିରେ ସେ ଗଣମାଧ୍ୟମକୁ ଏହି ସୂଚନା ଦେବା ସହ ବିଧାନସଭା ନିର୍ବାଚନରେ ସ୍ୱାଧୀନ ଭାବେ ସେ ଲଢିବେ ବୋଲି କହିଥିଲେ। ବିଧାନ କହିଥିଲେ, କେନ୍ଦ୍ର ସରକାରୀ ଚାକିରିରୁ ଅବ୍ୟାହତି ନେଇ ୨୦୦୯ ମସିହାରୁ କଂଗ୍ରେସ ଦଳରେ ଆଜି ଯାଏ ଜଣେ ଶୃଙ୍ଖଳିତ କର୍ମୀ ଭାବେ କାର୍ଯ୍ୟ କରି ଆସୁଥିଲେ। ୨୦୦୯ ଓ ୨୦୧୪ ସାଧାରଣ ନିର୍ବାଚନ ୨୦୧୨ ଏବଂ ୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସେ ଦଳ ପାଇଁ ସାଙ୍ଗଠନିକ କାର୍ଯ୍ୟ କରିଥିଲେ। ଏଥିସହ ୨୦୧୯ ପୂର୍ବରୁ ପିସିସି କୃଷକ ସେଲ୍‌ର ରାଜ୍ୟ ସାଧାରଣ ସମ୍ପାଦକ, ପିସିସି ଅନୁସୂଚିତ ଜାତି ବିଭାଗର ରାଜ୍ୟ ଆବାହକ ରହିବା ସହିତ ମୟୂରଭଞ୍ଜ ଜିଲାର କୃଷକ ସେଲ ଓ ଅନୁସୂଚିତ ଜାତି ବିଭାଗର ଅତିରିକ୍ତ ସାଙ୍ଗଠନିକ ଦାୟିତ୍ୱ ତୁଲାଇଥିଲେ। ସେହିପରି ବାଲେଶ୍ୱର ଜିଲା କଂଗ୍ରେସ କମିଟି ମିଡିଆ ସେଲର ସଂଯୋଜକ ଭାବେ କାର୍ଯ୍ୟ କରିଥିଲେ। କୌଣସି କାରଣ ନ ଥାଇ ଗତ ୩ ମାସ ଧରି ତାଙ୍କୁ ଦଳୀୟ କୌଣସି କାର୍ଯ୍ୟକ୍ରମକୁ ଡକା ନ ଯାଇ ଏକପ୍ରକାର ରାଜନୈତିକ ବାସନ୍ଦ କରାଯାଇଥିଲା ବୋଲି ସେ ଅଭିଯୋଗ କରିଥିଲେ। ରାଜ୍ୟ କଂଗ୍ରେସ କମିଟି, କୃଷକ ସେଲ, ଅନୁସୂଚିତ ଜାତି ବିଭାଗ ଓ ଜିଲା କଂଗ୍ରେସ କମିଟିର ସଭାପତିଙ୍କୁ ସେ ତାଙ୍କ ଅସନ୍ତୋଷ ଅବଗତ କରାଇଛନ୍ତି। ଏଥର ରେମୁଣା ନିର୍ବାଚନମଣ୍ଡଳୀର ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଭାବେ ସେ ନାମାଙ୍କନ ପତ୍ର ଦାଖଲ କରିବେ କହିଥିଲେ।

